ସକାଳ
THE SAKALA



www.sakalaepaper.com

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଅଧୀନସ୍ଥ ସମସ୍ତ ମହାବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା

# ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ଫି' ଛାଡ଼ ବ୍ୟବସ୍ଥା

ବ୍ରହ୍ମପୁର, ୬।୨(ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତଥା ଏହା ଅଧୀନରେ ଥିବା ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଫି ଛାଡ଼ ବ୍ୟବସ୍ଥାକୁ ଅଧିକ ସରଳ କରାଯିବା ସହ କୋହଳ କରାଯାଇଛି। ଏନେଇ ପୂର୍ବରୁ ଥିବା ନିର୍ଦ୍ଦେଶ ନାମାରେ ରହିଥିବା

**● ତୁରନ୍ତ କାର୍ଯ୍ୟକାରୀ କରିବାକୁ ଚିଠି**

ଦ୍ୱନ୍ଦ୍ୱକୁ ମଧ୍ୟ ଦୂର କରିଦିଆଯାଇଛି। ଏନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଏହା ଅଧିନରେ ଥିବା ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡିକୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ଗତ ୫ତାରିଖରେ ଚିଠି ନମ୍ବର ୫୦୨୩ରେ ବିଶ୍ୱବିଦ୍ୟାଳୟର ବିଭାଗ ସମୂହର ଅଧକ୍ଷ ଓ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରୁ ଏହା ଜଣାପଡିଛି। ପୂର୍ବରୁ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଫି ଛାଡର ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ଏହି ସୁବିଧା ଅନ୍ୟୁନ ଶତକଡା ୪୦ ଓ ଏହାଠାରୁ ଅଧିକ ପ୍ରତିଶତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହି ସୁବିଧା ଲାଗୁ ହେବ। ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଫି ସମେତ ଏକାଡେମୀକ ଫି ସମ୍ପୂର୍ଣ୍ଣ ଛାଡ଼ ହେବ। ଏକାଡେମୀକ ଫି ମଧ୍ୟରେ ଆଡ଼ମିଶନ ଫି ଓ ରି ଆଡ଼ମିଶନ ଫି, ଟ୍ୟୁସନ ଫି, ମାଗାଜିନ ଫି, କ୍ୟାଲେଣ୍ଡର ଫି, ଲାଇବ୍ରେରୀ ଫି, ରିଡିଙ୍ଗ ଓ କମନରୁମ ଫି, ଟାଇମ ଟେବୁଲ ଫି, ପ୍ରୋକ୍ଟର ଆଣ୍ଡ ୱାର୍କ ଏକ୍ସପିରିଏନ୍ସ ଫି, ଉପସ୍ଥାନର ଅଂଶ ବାବଦରେ ଫି ସମେତ ସମସ୍ତ ସେମିଷ୍ଟର ପରୀକ୍ଷା ଫି ଛାଡ଼ରେ ଅନ୍ତର୍ଭୁକ୍ତ ରହିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ତେବେ ହଷ୍ଟେଲ ଓ ସମସ୍ତ ପରୀକ୍ଷା ବାବଦ ଫି ଛାଡ଼ କରିବାରେ କିଛି ସମସ୍ୟା ରହିଥିବା କହିଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ଼ଃ ଗୀତାଞ୍ଜଳି ଦାଶ। ପରୀକ୍ଷା ଗୁଡିକ ଆଉଟସୋରସିଂ ସଂସ୍ଥା ଜରିଆରେ କରାଯାଉଥିବା ବେଳେ ହଷ୍ଟେଲର ସମସ୍ତ ଖର୍ଚ୍ଚ ବହନ କରିବା ଖୋଦ ବିଶ୍ୱବିଦ୍ୟାଳୟ କିମ୍ବା ବିଭିନ୍ନ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ଆର୍ଥିକ ବୋଝ ହେବ। ଏଣୁ ବିଭାଗ ହଷ୍ଟେଲ ଫି ଓ ପରୀକ୍ଷା ଫି ବାବଦରେ ପୁନଃ ସମୀକ୍ଷା କଲେ ଉଚିତ ହେବ ବୋଲି କହିଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଗୀତାଞ୍ଜଳି ଦାଶ।




## 'ନୂଆ-ଓ' ମାଧ୍ୟମରେ ଲୋକନୃତ୍ୟ ପ୍ରତିଯୋଗିତା



**ବୁଗୁଡା, ୬।୨(ସମିସ):** ସ୍ଥାନୀୟ ଶ୍ରୀ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସରକାରଙ୍କ ପ୍ରାୟୋଜିତ ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଓଡ଼ିଆ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏବଂ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବହୁ ଛାତ୍ରୀ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଅନ୍ତେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ଏଲଇଡ଼ି ପରଦା ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଅଧ୍ୟାପକ ପ୍ରଭାକର ଡ଼ାକୁଆ ଓ ସନାତନ ବେହେରୁକ, ଡ଼େମୋନଷ୍ଟେଟର୍ କଳ୍ପନା କୁମାରୀ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ପରିଚାଳିତ ଉକ୍ତ ପ୍ରତିଯୋଗିତାରେ ଅଂଶ ଗ୍ରହଣକାରୀ ଛାତ୍ରୀଙ୍କ ମଧ୍ୟରୁ ରେଶମା ରାଣୀ ବିଷୋୟୀପ୍ରଥମ, କଲ୍ୟାଣୀ ଜେନା ଦ୍ୱିତୀୟ, ମାମାଲି ସାହୁ ଓ ରୂପଶ୍ରୀ ଗୌଡ଼ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ମୁକ୍ତା ଯୋଜନା ସମ୍ବନ୍ଧିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**ଜି.ଉଦୟଗିରି, ୬।୨(ସମିସ):** ଓଡ଼ିଶାରେ ଥିବା ସମସ୍ତ ସହରାଞ୍ଚଳରେ ମୁକ୍ତା ଯୋଜନା ମାଧ୍ୟମରେ ମହିଳାଙ୍କୁ ସଶକ୍ତିକରଣ କରିବା ସହ ଶ୍ରମଭିତ୍ତିକ କର୍ମନିଯୁକ୍ତି ସୃଷ୍ଟି କରି ତାର ସୁପରିଚାଳନା ଉଦ୍ଦେଶ୍ୟରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ମିଶନ ଶକ୍ତି ଗୋଷ୍ଠୀ ସ୍ୱୟଂ ସହାୟକ ସଦସ୍ୟାଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ' (ମୁକ୍ତା) ଯୋଜନା ସମ୍ବନ୍ଧିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ ଅଧ୍ୟକ୍ଷତା କରିଥିବା ବେଳେ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲରଙ୍କ ଉପସ୍ଥିତି ତଥା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମକୁ ମୁକ୍ତା ଯୋଜନା ପ୍ରୋଗ୍ରାମ କୋଡ଼ିନେଟର ପ୍ରଭାତ ରଞ୍ଜନ ସାହୁ ପରିଚାଳନା କରିଥିଲେ। ଉକ୍ତ ଯୋଜନା ଦ୍ୱାରା ମହିଳାଙ୍କୁ ସଶକ୍ତିକରଣ କରିବା, ଶ୍ରମଭିତ୍ତିକ କର୍ମନିଯୁକ୍ତି ସୃଷ୍ଟି କରିବା, ମିଶନ ଶକ୍ତି ଗୋଷ୍ଠୀ ଉପକୃତ ହେବା ସହ ନିଜ ପରିବେଶକୁ ସରସ ସୁନ୍ଦର କରିବା ପାଇଁ ସରକାରଙ୍କ ଯୋଜନା ଫଳପ୍ରଦ ହୋଇପାରିବ। ଏହି କ୍ରମରେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମିଶନ ଶକ୍ତି ଗ୍ରୁପ୍ ଦ୍ୱାରା ମୁକ୍ତା ଯୋଜନା ମାଧ୍ୟମରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ କାର୍ଯ୍ୟ ସହଜ ସରଳ ଭାବେ ସମ୍ପାଦନ କରିବା ପାଇଁ ଅନୁଷ୍ଠିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡ଼ର ମିଶନ ଶକ୍ତି ଗ୍ରୁପ ମହିଳା ସଦସ୍ୟା ଉପସ୍ଥିତ ରହି ତାଲିମ ନେବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ଗାଁକୁ ଚାଲ' ଅଭିଯାନକୁ ସଫଳ କରିବା ନେଇ ବୈଠକ



**ଦିଗପହଣ୍ଡି, ୬।୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡାକରା କ୍ରମେ ଗାଁକୁ ଚାଲ ଅଭିଯାନକୁ ସଫଳ କରିବା ନିମନ୍ତେ ମଙ୍ଗଳବାର ମରେଇବାଡ଼ି ଗ୍ରାମ ସ୍ଥିତ ଖେମୁଣ୍ଡି କାଳୁଆ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଆୟୋଜିତ ହୋଇଥିଲା। ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଚଢ଼େୟା ଗରଦ, ବଡ଼ବୁରୁଡ଼ା, ସାନବୁରୁଡ଼ା, ବଟପଲ୍ଲୀ, ବିରିବାଡିଆ, ମରେଇବାଡ଼ି, ଗୋପାଳପୁର, ଗୁଡାରି, ମଳକୁଟପଲ୍ଲୀ, ବାଲିପଣ୍ଟ, ନୂଆଗାଁ, ଆମ୍ବପୁର, ତିନିଘରିଆ, ପିଲିକାଡିହ, ବାଟ ମହୁଲପଡ଼ା ପ୍ରଭୃତି ଗ୍ରାମର ଡମ୍ବରୁ ମଲ୍ଲିକ, ନକୁଳ ମଲ୍ଲିକ, ଦଉ ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ପାଣ ମଲ୍ଲିକ, ଦଣ୍ଡପାଣି ମଲ୍ଲିକ, ହରି ମଲ୍ଲିକ, ନୀର ମଲ୍ଲିକ, ତ୍ରିନାଥ ମଲ୍ଲିକ ସୁଶାନ୍ତ ମଲ୍ଲିକ, ତ୍ରିନାଥ ମଲ୍ଲିକ, ସାଧୁ ମଲ୍ଲିକ ପ୍ରମୁଖ ବୈଠକରେ ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଆସନ୍ତା ୨୨ତାରିଖରେ ଚଢ଼େୟା ଗରଦ ଗ୍ରାମରେ ମା ଦୁଆର ଶୁଣି ମନ୍ଦିର ପ୍ରତିଷ୍ଠା ଅବସରରେ ଆୟୋଜନ ହେବାକୁ ଥିବା ପଞ୍ଚ ମହାଯଜ୍ଞକୁ ସଫଳ କରାଯିବା ନିମନ୍ତେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା।

## କାର୍ଗିଲ କ୍ରିକେଟ୍ କ୍ଲବର 'ଟି-ଟୋଣ୍ଟି' ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ରମ୍ଭା, ୬।୨(ସମିସ):** ସ୍ଥାନୀୟ ଗୋଷାଣୀନୂଆଗାଁ କାର୍ଗିଲ ଖେଳ ପଡ଼ିଆରେ କାର୍ଗିଲ କ୍ରିକେଟ କ୍ଲବ ପକ୍ଷରୁ ମଙ୍ଗଳବାର ଟି-ଟ୍ୱାଣ୍ଟି ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ପୂର୍ବତନ ମେୟର ଶିବଶଙ୍କର ଦାସ, ୨୭ ନମ୍ବର ୱାର୍ଡ କର୍ପୋରେଟର ନୀଳକଣ୍ଠ ସାହୁ ଓ ୨୬ନମ୍ବର ୱାର୍ଡ କର୍ପୋରେଟର ଧିରେଶ ସାବତ ଯୋଗ ଦେଇ ଉଦଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳକୁ ଭାଗ ନେଇଛନ୍ତି। ୧୦ଦିନ ଧରି ଏଠାରେ ଖେଳ ଚାଲିବ। ମଙ୍ଗଳବାର ପ୍ରଥମ ମ୍ୟାଚ ରାଳବ ଦଳ ଓ ଏମକେସିଜି ମେଡିକାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଳବ ଟିମ୍ ଟସ୍ ଜିତି ପ୍ରଥମ ବ୍ୟାଟିଂ କରିବା ପାଇଁ ନିଷ୍ପତି ନେଇଥିଲେ। ଦଳ ପକ୍ଷରୁ ନିର୍ଦ୍ଧାରିତ ୧୨ଓଭାରରେ ୮ ୱିକେଟ୍ ହରାଇ ୧୨୨ରନ ସଂଗ୍ରହ କରିଥିଲେ। ମୁକାବିଲାରେ ଏମକେସିଜି ମେଡିକାଲ ଦଳ ପକ୍ଷରୁ ୧୨ଓଭାରରେ ୭ୱିକେଟ୍ ହରାଇ ୧୨୦ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚକୁ ରାଳବ ଦଳ ୨ରନରେ ବିଜୟ ଲାଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ସାହୁ, ସନ୍ଦୀପ ପାଣିଗ୍ରାହୀ, ଚିତ୍ତରଞ୍ଜନ ସାହୁ, ରାହୁଲ କୁମାର ବେହେରା, ଆଶୁତୋଷ ପାତ୍ରଙ୍କ ସମତେ ଅନ୍ୟମାନଙ୍କ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ଦିଗପହଣ୍ଡି, ୬।୨(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ନିମନ୍ତେ ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଯୁବ ବିଜେଡି ଜିଲା ଉପସଭାପତି ଚିତ୍ରସେନ ଗୌଡଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ଜୟଲକ୍ଷ୍ମୀ ଗୌଡ ସଭାପତିତ୍ୱ କରିଥିଲେ। ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀ, ଗ୍ରାମ୍ୟ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ . ଜ୍ୟୋତି ପ୍ରକାଶ ବିଶ୍ୱସରାୟ, କନିଷ୍ଠ ଯନ୍ତ୍ରୀ ଇଂ. ପ୍ରେମ ରଞ୍ଜନ ମହାପାତ୍ର, ବିପିସି ଅଜୟ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ, କରପଡ଼ା ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ପଦ୍ମନାଭପୁର ପୂର୍ବତନ ସରପଞ୍ଚ ବି . କ୍ରିଷ୍ଣାରାଓ ସୁବୁଦ୍ଧି, ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ସୀମାଞ୍ଚଳ ଗୌଡ, ସମିତିସଭ୍ୟ ତପସ୍ୱିନୀ ମହାପାତ୍ର, ସାମାଜିକ କର୍ମୀ ଉମାକାନ୍ତ ସାହୁ, ରଞ୍ଜନ ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଡମ୍ବରୁ ସେଠୀ, ନାଏବ ସରପଞ୍ଚ ଶରତ ଶବର, ପୂର୍ବତନ ସମିତିସଭ୍ୟ ନିଳାମ୍ବର ଗୌଡ ଓ ପଞ୍ଚାନନ ପାଇକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିକ୍ଷକ ରାଜେନ୍ଦ୍ର ଗୌଡ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାରୁ ଯେପରି ହିତାଧିକାରୀ ବଞ୍ଚିତ ନହେବେ ଏବଂ ଏହାର ପ୍ରଚାର ପ୍ରସାର ଦ୍ୱାରା ଗ୍ରାମାଞ୍ଚଳରେ ଯେପରି ଲୋକେ ସଚେତନ ହୋଇପାରିବେ ତାହା ଦାସକାଠିଆ ମାଧ୍ୟମରେ ପ୍ରଚାର କରାଯାଇଥିଲା। ପରିଶେଷରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପରେ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପଞ୍ଚାୟତର ଯୁବଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଗଣିତ ଶିକ୍ଷକଙ୍କ ବିୟୋଗରେ ଶୋକସଭା



**ବୁଗୁଡା, ୬।୨(ସମିସ):** ବୁଗୁଡା ବ୍ଲକ ସଙ୍କୁରୁ ଗ୍ରାମସ୍ଥିତ ଶ୍ରୀ ଭାଗବତ ସ୍ୱାମୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ପ୍ରସନ୍ନ କୁମାର ଦାସଙ୍କ ଅକାଳ ବିୟୋଗରେ ବିଦ୍ୟାଳୟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ବିକ୍ରମାଦିତ୍ୟ ଆରୁଖଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶୋକସଭାରେ ପ୍ରଥମେ ସ୍ୱର୍ଗତ ପ୍ରସନ୍ନ କୁମାର ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ, ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ତାଙ୍କର ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ସ୍ୱାଇଁ, ଗୋପାଳ ଚନ୍ଦ୍ର ନାୟକଙ୍କ ସମେତ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ସ୍ୱର୍ଗତ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଶିକ୍ଷକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

## ପୋଖରୀର ପୁନଃଉଦ୍ଧାର ପାଇଁ ବିଡିଓଙ୍କୁ ଦାବିପତ୍ର



**ପୁରୁଷୋତ୍ତମପୁର, ୬।୨(ସମିସ):** ପୁରୁଷୋତ୍ତମପୁର ବ୍ଲକ ଗାଙ୍ଗଦେହଣୀ ଗ୍ରାମରେ ପାନୀୟ ଜଳ ସମସ୍ୟା ନେଇ ସରପଞ୍ଚ ଜଗବନ୍ଧୁ ଦାସଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ବିଡ଼ିଓ ମନୋଜ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ତେଲି ବନ୍ଧ ନାମକ ଏକ ପୋଖରୀ ଅଛି, ଏହି ପୋଖରୀ ଉପରେ ଗ୍ରାମର ଦୁଇଶହ ପରିବାର ଦୈନନ୍ଦିନ ବ୍ୟବହାର କରି ଆସୁଛନ୍ତି। କିନ୍ତୁ ପୋଖରୀଟି ଅପରିଷ୍କାର ସହ ପାଣି ନାହିଁ ଯାହା ଫଳରେ କି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଦୀର୍ଘ ଦିନ ହେଲା ବର୍ଷା ନାହିଁ ଯାହାକି ଦିନକୁ ଦିନ ପୋଖରୀରେ ଜଳସ୍ତର ହ୍ରାସ ପାଉଥିବାରୁ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତୁରନ୍ତ ଏହି ପୋଖରୀକୁ ପୁନଃଉଦ୍ଧାର କରି ଜଳ ଭର୍ତ୍ତି କରିବା ପାଇ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏନେଇ ବିଡ଼ିଓ ସହକାରୀ ଯନ୍ତ୍ରୀ, କନିଷ୍ଠଯନ୍ତ୍ରୀ, ଏପିଓଙ୍କୁ ଡାକି ତୁରନ୍ତ ପୋଖରୀକୁ ଦେଖି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ସର୍ପ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

## ଯୁବପିଢ଼ି, ମହିଳା, ପର୍ଯ୍ୟଟକଙ୍କୁ ସଚେତନତା

ବ୍ରହ୍ମପୁର, ୬।୨ (ସମିସ)

ମଙ୍ଗଳବାର ସୋନପୁର ବ୍ଲୁ ଫ୍ଲାଗ୍ ବିଚ ପରିସରରେ ସୁନାପୁର ବ୍ଲୁ ଫ୍ଲାଗ ବିଚ୍, ୱାଇଲ୍ଡ ଆନିମଲ୍ସ ପ୍ରୋଟେକ୍ସନ୍ ଫୋର୍ସ ଗଞ୍ଜାମ ଏବଂ ଜଙ୍ଗଲ ଲୋର୍ ଫାଉଣ୍ଡେସନର ମିଳିତ ଆୟୋଜନରେ ସର୍ପ ସଂରକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ୱାଇଲ୍ଡ ଆନିମାଲ୍ସ ପ୍ରୋଟେକ୍ସନ୍ ଫୋର୍ସ ଗଞ୍ଜାମର ପରିଚାଳକ ଗଣପତି ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ବନ୍ୟପ୍ରାଣୀ ଗବେଷକ ଆଶିଷ କୁମାର ଦାସ ଯୋଗଦେଇଥିବା ବେଳେ ବନ୍ୟପ୍ରାଣୀ ବିଶେଷଜ୍ଞ ଆକାଶ ରଞ୍ଜନ ରଥ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର,ବ୍ରହ୍ମପୁର ସବୁଜ ବାହିନୀ ସଭାପତି ଶିବରାମ ମହାପାତ୍ର ଏବଂ ମିଳିତ ଜାତିସଂଘ ଭାରତର ଯୁବ ଅଧିବକ୍ତା ସୌମ୍ୟ ରଞ୍ଜନ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଯୁବପିଢ଼ୀଙ୍କୁ ସାପ ସଂରକ୍ଷଣ ନେତୃତ୍ୱ ପାଇଁ ଆହ୍ୱାନ ଦେଇଥିଲେ।ପ୍ରକାଶ ଥାଉ କି, ଓଡ଼ିଶାର ସାପ କାମୁଡାରେ ମଣିଷ ମୃତ ହାର ଅତ୍ୟନ୍ତ ଚିନ୍ତାଜନକ ଅଟେ। ୨୦୧୮-୧୯ ଠାରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାରେ ଓଡ଼ିଶାରେ ୪,୮୭୦ ଲୋକେ ପ୍ରାଣ ହରାଇଛନ୍ତି। ୨୦୧୮-୧୯ ମସିହାରେ ସାପ କାମୁଡାରେ ୧୦୨୬ ଲୋକେ ପ୍ରାଣ ହରାଇ ଥିବା ବେଳେ ୨୦୧୯-୨୦ ମସିହାରେ ୯୨୯ ଲୋକଙ୍କ ଜୀବନ ହାନି ହୋଇଛି । ସେହିପରି ୨୦୨୦-୨୧ ମସିହାରେ ୧୧୮୫ ଲୋକେ ଜୀବନ ଯାଇଥିବା ବେଳେ ୨୦୨୧-୨୨ ମସିହାରେ ୯୮୪ ଏବଂ ୨୦୨୨-୨୩ ମସିହାରେ ୭୫୪ ଲୋକେ ପ୍ରାଣ ହରାଇଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ମହିଳା, ଯୁବକ, ପର୍ଯ୍ୟଟକ ମାନେ ଉପସ୍ଥିତ ରହି ସାପ ସଂରକ୍ଷଣ ଏବଂ ସାପ କାମୁଡ଼ା ସମୟରେ ଆବଶ୍ୟକ ଥିବା ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ । ଏଥିସହିତ କାର୍ଯ୍ୟକ୍ରମ ସମୟରେ ସାପ ସୁରକ୍ଷା ଓ ସାପ କାମୁଡା ପ୍ରତିହତ ସମ୍ପର୍କିତ ସୂଚନା ପତ୍ର ବଣ୍ଟା ଯାଇ ସଚେତନତା ସୃଷ୍ଟି କରାଯାଇଥିଲା ।

## ମହିଳାଙ୍କ ହତ୍ୟା ମାମଲା

# କୋର୍ଟରେ ତଦନ୍ତକାରୀ ଅଧିକାରୀଙ୍କ ବୟାନ ରେକର୍ଡ

**ବ୍ରହ୍ମପୁର, ୬।୨(ସମିସ):** ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡ଼ାରେ ୨୦୨୧ ନଭେମ୍ବର ୨୩ରେ ବିଜୟଲକ୍ଷ୍ମୀ ମହାନ୍ତି ଅରଫ କୁନାଙ୍କୁ ହତ୍ୟା ହୋଇଥିଲା। ଏହି ମାମଲାଟି ବର୍ତ୍ତମାନ ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରା ଜଜ-୩ ରାଜ କୁମାର ଦାସଙ୍କ କୋର୍ଟରେ ବିଚାରଣା ଚାଲିଛି। ମଙ୍ଗଳବାର ତତ୍କାଳୀନ ଦିଗପହଣ୍ଡି ଥାନାଧିକାରୀ ତଥା ତଦନ୍ତକାରୀ ଅଧିକାରୀ (ଆଇଓ) ବସନ୍ତ ସେଠୀ ହାଜର ହୋଇଥିଲେ। ତାଙ୍କର ବୟାନ ରେକର୍ଡ ହୋଇଥିଲା। ଆସନ୍ତା ୯ରେ ପରବର୍ତ୍ତି ବିଚାରଣା ହେବାକୁ କୋର୍ଟ ଧାର୍ଯ୍ୟ କରିଛି। ଘରକାନ୍ଥକୁ ନେଇ ଦୀର୍ଘଦିନ ହେଲା ମହୁଡ଼ା ନୂଆସାହି ନିବାସୀ ବିଜୟଲକ୍ଷ୍ମୀ ମହାନ୍ତି ଓ ତାଙ୍କ ପଡୋଶୀ ରବୀନ୍ଦ୍ର ଓରଫ ରବିନାରାୟଣ ନାହାକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ୨୦୨୧ ନଭେମ୍ବର ୨୨ ସନ୍ଧ୍ୟାରେ ବିଜୟଲକ୍ଷ୍ମୀ ମହାନ୍ତି ତାଙ୍କ ପଡୋଶୀ ରବୀନ୍ଦ୍ରଙ୍କୁ ଗାଳିଗୁଲଜ କରିଥିଲେ। ପୁଞ୍ଜିଭୂତ ଅଶାନ୍ତି ଯୋଗୁଁ ରବୀନ୍ଦ୍ର ବିଜୟଲକ୍ଷ୍ମୀଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ। ନଭେମ୍ବର ୨୩ ଅପରାହ୍ନରେ ବିଜୟଲକ୍ଷ୍ମୀ ଘର ଦାଣ୍ଡରେ ଠିଆ ହୋଇଥିବା ବେଳେ ରବୀନ୍ଦ୍ର ତାଙ୍କୁ ଲୁହା ପାଇପରେ ପିଟିପିଟି ହତ୍ୟା କରି ସେଠାରୁ ଚମ୍ପଟ ମାରିଥିଲେ। ଏନେଇ ବିଜୟଲକ୍ଷ୍ମୀଙ୍କ ସାନ ଭଉଣୀ ଛବିରାଣୀ ମହାନ୍ତି ଥାନାରେ ହତ୍ୟା ଅଭିଯୋଗ କରିଥିଲେ। ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରବୀନ୍ଦ୍ରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପର ଠାରୁ ଅଭିଯୁକ୍ତ ରବୀନ୍ଦ୍ର ଏଯାବତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ରଜତ କୁମାର ଦାଶ ମାମଲା ପରିଚାଳନା କରୁଛନ୍ତି। ଏହି ମାମଲାରେ ମୋଟ ୨୮ ଜଣ ସାକ୍ଷୀ ରହିଥିବା ବେଳେ ତଦନ୍ତକାରୀ ଅଧିକାରୀ ୨୮ ତମ ସାକ୍ଷୀ ଭାବେ କୋର୍ଟରେ ହାଜର ହୋଇଥିଲେ।

# ମାସେ ହେଲା ବନ୍ଦ ରହିଛି ଏମ୍‌କେସିଜିରେ ଏଣ୍ଡୋସ୍କୋପି ପରୀକ୍ଷା

**ବ୍ରହ୍ମପୁର, ୬।୨(ସମିସ):** ସାଧାରଣ ରୋଗୀଙ୍କ ଚିକିତ୍ସା ସେବା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଟଙ୍କା ଅଭାବରୁ ଚିକିତ୍ସା ନପାଇ ରୋଗୀଟି ଯେଭଳି ମୃତ୍ୟୁ ମୁଖରେ ନପଡ଼େ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର କୁହାଯାଉଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ(ଏମକେସିଜି)ରେ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଅବହେଳା ପ୍ରଦର୍ଶିତ ହେଉଥିବା ପରିଲକ୍ଷିତ ହୋଇଛି। ଅତି ଗୁରତ୍ୱପର୍ଣ୍ଣ ପରୀକ୍ଷା ମଧ୍ୟରୁ ଏଣ୍ଡୋସ୍କୋପି ପରୀକ୍ଷା। ଦୀର୍ଘ ଏକ ମାସ ହେବ ଏଠାରେ ବନ୍ଦ ରହିଛି। ଉକ୍ତ ପରୀକ୍ଷାରେ ବ୍ୟବହାର ହେଉଥିବା ମେସିନ ବାରମ୍ବାର ଯାନ୍ତ୍ରିକ ତ୍ରୁଟି ଦେଖାଦେଉଛି। ଫଳରେ ପରୀକ୍ଷା ଠପ ହେଉଛି। ଦୂର ଦୁରାନ୍ତରରୁ ମେଡିକାଲ ଆସୁଥିବା ରୋଗୀମାନେ ଘରୋଇ ଡାଏଗ୍ନୋଷ୍ଟିକ ମୁହାଁ ହେଉଛନ୍ତି। ଗରିବ ରୋଗୀମାନଙ୍କୁ ଡାଏଗ୍ନୋଷ୍ଟିକ ସେଣ୍ଟର୍ ଗୁଡ଼ିକ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ହୋଇଛି। କୌଣସି ଉପାୟ ନପାଇ ବାଧ୍ୟ ବାଧକରେ ରୋଗୀ ହଜାର ହଜାର ଟଙ୍କା ପରୀକ୍ଷା ନିମନ୍ତେ ଖର୍ଚ୍ଚ କରୁଛନ୍ତି। ଏମକେସିଜି ମେଡିକାଲ ଅନେକ ରୋଗୀ ନିର୍ଭର କରୁଛନ୍ତି। ପ୍ରତ୍ୟେକ ଦିନ ମେଡ଼ିକାଲରେ ଥିବା ବିଭିନ୍ନ ବିଭାଗକୁ ଚିକିତ୍ସା ନିମନ୍ତେ ହଜାର ହଜାର ରୋଗୀ ଆସିଥାନ୍ତି। ସେହିପରି କର୍କଟ ରୋଗ ଚିହ୍ନଟ, ଖାଦ୍ୟ ନାଳି ସମ୍ବନ୍ଧୀୟ ରୋଗର ପରୀକ୍ଷା, ପାକସ୍ଥଳୀ ରହିଥିବା ଘା'ର ସମ୍ବନ୍ଧିତ ଚିକିତ୍ସା କିମ୍ବା ପରୀକ୍ଷା ନିମନ୍ତେ ଏଣ୍ଡୋସ୍କୋପି ଗୁରତ୍ୱପୂର୍ଣ୍ଣ ଅଟେ। ଏଥି ନିମନ୍ତେ ବିଭିନ୍ନ ବିଭାଗର ଡାକ୍ତରମାନେ ସର୍ଜରୀ ବିଭାଗର ଅଧୀନରେ ଥିବା ଏଣ୍ଡୋସ୍କୋପି ପରୀକ୍ଷା ନିମନ୍ତେ ୪୦ରୁ ୪୫ଟି ରୋଗୀଙ୍କୁ ପରାମର୍ଶ କରିଥାନ୍ତି। ହେଲେ ଉକ୍ତ ବିଭାଗର ଥିବା ଏଣ୍ଡୋସ୍କୋପି ମେସିନ ଏକ ମାସ ହେବ ଖରାପ ହୋଇ ପଡ଼ିଛି। ଅନ୍ୟପକ୍ଷରେ ମେଡ଼ିକାଲର ଗ୍ୟାଷ୍ଟ୍ରୋଏଣ୍ଡ୍ରୋଲୋଜି ବିଭାଗରେ ଏଣ୍ଡୋସ୍କୋପି ହେଉଥିବା ବେଳେ ଉକ୍ତ ବିଭାଗରେ ସମସ୍ତ ରୋଗୀଙ୍କ ପରୀକ୍ଷା କରିବାକୁ ମେଡିକାଲ ପକ୍ଷରୁ କୁହାଯାଇଛି। କିନ୍ତୁ ବିଭାଗ ପକ୍ଷରୁ ପ୍ରତ୍ୟେକ ଦିନ ମାତ୍ର ୧୦ଜଣ ରୋଗୀଙ୍କ ଏଣ୍ଡୋସ୍କୋପି ପରୀକ୍ଷା କରାଯାଉଛି। ଅବଶିଷ୍ଟ ରୋଗୀଙ୍କ ପରୀକ୍ଷା ନିମନ୍ତେ ବିଭାଗ ପକ୍ଷରୁ ତିନି ସପ୍ତାହର ସମୟ ଦିଆଯାଉଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କ ସଠିକ ସମୟରେ ଏଣ୍ଡୋସ୍କୋପି ପରୀକ୍ଷା ହେଉନାହିଁ। ଏନେଇ ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା ସୁଚିତ୍ରା ଦାଶଙ୍କୁ ପଚାରିବାକୁ ସେ କହିଚନ୍ତି, ଏଣ୍ଡୋସ୍କୋପି ମେସିନ ଖରାପ ରହିଥିବା ବେଳେ ଏହାର ମରାମତି ନିମନ୍ତେ କେଟିପିଏଲ ସଂସ୍ଥାକୁ ମରାମତି କରିବାକୁ କୁହାଯାଇଛି। କିଛି ଦିନ ମଧ୍ୟରେ ତାହା ମରାମତି କରାଯିବା ସହ ରୋଗୀଙ୍କ ସେବାରେ ଲାଗିବ ବୋଲି ଡ଼ା ଦାଶ କହିଛନ୍ତି।




**ଘରୋଇ ଡାଏଗ୍ନୋଷ୍ଟିକ୍ ସେଣ୍ଟର ଭରସା**

# ଭବିଷ୍ୟତ ଅଗ୍ରଗାମୀ ମହିଳା ସମ୍ମାନରେ ସମ୍ମାନିତ ହେବେ ଆରତୀ ଦେବୀ

**ବ୍ରହ୍ମପୁର, ୬।୨(ସମିସ)**



ଫେବୃଆରୀ ୧୦ତାରିଖରେ ସିଏନବିସି - ଟିଭି ୧୮ ଦ୍ୱାରା ଆୟୋଜିତ ଭବିଷ୍ୟତ, ମହିଳା, ଅଗ୍ରଗାମୀ ଶୀର୍ଷକ କାର୍ଯ୍ୟକ୍ରମରେ ଭବିଷ୍ୟତ ଅଗ୍ରଗାମୀ ମହିଳା ସମ୍ମାନରେ ସମ୍ମାନିତ ହେବେ ଗଞ୍ଜାମର ସମାଜସେବୀ ଆରତୀ ଦେବୀ। ଭାରତର ପ୍ରତିଷ୍ଠିତ ମହିଳାଙ୍କ ସହିତ ସେ ଏହି ସମ୍ମାନ ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ ଅନ୍ତର୍ଗତ ଢୁଙ୍କାପଡ଼ା ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶ୍ରୀ ଆରତୀ ଦେବୀ ୨୦୧୨ ମସିହାରେ ନିଜର ଲୋଭନୀୟ ( ନିବେଶ ଅଧିକାରୀ ) ବ୍ୟାଙ୍କ ଚାକିରୀ ଛାଡି ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଓ ସେମାନଙ୍କ ସହଯୋଗରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଗ୍ରାମସ୍ତରୀୟ ସ୍ୱୟଂ ସରକାରୀ ଅନୁଷ୍ଠାନର ନେତୃତ୍ୱ ନେଇ ସରପଞ୍ଚର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ନିଜର କାର୍ଯ୍ୟକାଳ ମଧ୍ୟରେ ୨୦୧୪ ମସିହାରେ ନିଜର ପାରଦର୍ଶିତା ନିମନ୍ତେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବାରାକ ଓବାମା ସରକାରଙ୍କ ସାଂସ୍କୃତିକ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ପରିଦର୍ଶକ ନେତୃତ୍ୱ କାର୍ଯ୍ୟକ୍ରମରେ ଏକମାତ୍ର ଭାରତୀୟ ଭାବେ ଅଂଶଗ୍ରହଣ କରି ୨୩ଦିନ ଧରି ଆମେରିକାର ୫ଟି ରାଜ୍ୟକୁ ଗସ୍ତ କରିଥିଲେ। ସାର୍ବଜନୀନ ବିତରଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା, ମହିଳାଙ୍କ ପାଇଁ ସ୍ୱାକ୍ଷରତା ଅଭିଯାନ, ଟିପ ନୁହେଁ ଦସ୍ତଖତ, କାର୍ଯ୍ୟକ୍ରମ କରି ବହୁତ ମହିଳାଙ୍କୁ ସେ ସ୍ୱାକ୍ଷର କରିଥିଲେ। ଏଥି ସହିତ ଦସ୍ତଖତ କରିବା ଓ ଆବେଦନ ପତ୍ର ଲେଖିବା ପାଇଁ ନିଜ ପଞ୍ଚାୟତର ମହିଳାଙ୍କୁ ପ୍ରେରଣା ଯୋଗାଇଥିଲେ। ତାଙ୍କର ଏହି ବଳିଷ୍ଠ ଭୂମିକା ପାଇଁ ସେ ବିଗତ ଦିନରେ ଅନେକ ସଂସ୍ଥା ଦ୍ୱାରା ସମ୍ମାନିତ ହୋଇଥିବା ବେଳେ ସମ୍ପ୍ରତି ପୁଣି ଜାତୀୟସ୍ତରୀୟ ସମ୍ମାନ ପାଇବେ ବୋଲି ଜଣାପଡ଼ିଛି। ଆଗାମୀ ଫେବୃଆରୀ ୧୦ତାରିଖ ଦିନ ନୂଆଦିଲ୍ଲୀ ଜନପଥ ରୋଡ, କନ୍ନଟ ପ୍ଲେସ ସ୍ଥିତ ବିଳାସପୂର୍ଣ୍ଣ ହୋଟେଲ ଇଂପେରିଲ ଲନଠାରେ ଅପରାହ୍ନ ୫ଟାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନେଇ ସିଏନବିସି -ଟିଭି ୧୮ର ପରିଚାଳନା ନିର୍ଦ୍ଦେଶକ ଶେରିନ ଭାନଙ୍କ ଚିଠିରୁ ଜଣାପଡ଼ିଛି।

# ଦିବ୍ୟାଙ୍ଗଙ୍କୁ ଟ୍ରାଏ ସାଇକଲ୍ ପ୍ରଦାନ

**ବ୍ରହ୍ମପୁର, ୬।୨(ସମିସ):** ବ୍ରହ୍ମପୁର ମହାନଗର ନିଗମର ଜଣେ ଦିବ୍ୟାଙ୍ଗ ଟ୍ରାଇ ସାଇକେଲ ପ୍ରଦାନ ଲାଗି ମେୟର ସଂଘମିତ୍ରା ଦଳେଇ ଓ ଅତିରିକ୍ତ କମିଶନର ରମେଶ ହାଂସଦଙ୍କୁ ତାଙ୍କ ଦୁଃଖ ଜଣାଇଥିଲେ। ମେୟର ଓ ବିଇଏମସି ପକ୍ଷରୁ ଏହାକୁ ଗୁରୁତର ଭାବେ ଗ୍ରହଣ କରାଯାଇ ତତକ୍ଷଣାତ ସମସ୍ୟାର ସମାଧାନ କରାଯାଇଥିଲା। ସେ ଚାଲିବା ଲାଗି ସକ୍ଷମ ନଥିବାରୁ ତାଙ୍କୁ ୩ଚକିଆ ସାଇକେଲ ପ୍ରଦାନ କରାଯାଇଥିଲା।

# ୨ ପରିବା ଦୋକାନରେ ଅଗ୍ନିକାଣ୍ଡ

**ବ୍ରହ୍ମପୁର, ୬।୨(ସମିସ):** ସ୍ଥାନୀୟ ଗେଟବଜାର ରେଡିଓ ଷ୍ଟେସନ ନିକଟସ୍ଥ ଭେଣ୍ଡି ଜୋନରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବା ଦୋକାନ ସମ୍ପୂର୍ଣ ଭାବେ ପୋଡ଼ିଯାଇଛି। ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆକୁ ଆୟତ୍ତ କରିଥିଲେ। ବିଦ୍ୟୁତ ସର୍ଟସର୍କିଟିରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଏଥିରେ ପ୍ରାୟ ୩୦ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଦୁଇ ପରିବା ବ୍ୟବସାୟୀ ଶୁଭାସିନୀ ନାୟକ, ଶ୍ରୀନିବାସ ପଣ୍ଡା ନିଜ ଦୋକାନରେ ବସି ପରିବା ବିକ୍ରି କରୁଥିଲେ। ହଠାତ ଦୋକାନ ପଛପଟୁ ନିଆଁ ବାହାରୁଥିବା ଦେଖି ସେମାନେ ଦୋକାନ ଛାଡି ରାସ୍ତା ଉପରକୁ ଚାଲିଆସିଥିଲେ। ପରିବା କିଣୁଥିବା ଲୋକମାନେ ଭୟଭୀତ ହୋଇ ଦୌଡ଼ିବାକୁ ଲାଗିଥିଲେ। ଶ୍ରୀନିବାସ ଏନେଇ ଅଗ୍ନିଶମ ବିଭାଗକୁ ଜଣାଇଥିଲେ।



# ୨୦ଜଣଙ୍କ ପାସପୋର୍ଟ ଓ ଟଙ୍କା ନେଇ ମଧ୍ୟସ୍ଥି ଫେରାର

**ବ୍ରହ୍ମପୁର,୬।୨ (ସମିସ)**

ଜଣେ ବ୍ୟକ୍ତି କେନିୟା ଦେଶରେ କୁଶଳୀ ଶ୍ରମିକ ଭାବେ ନିଯୁକ୍ତ କରାଇ ଦେବାକୁ କହି ୨୦ଜଣଙ୍କ ବେକାର ଯୁବକ ଠାରୁ ପାସପୋର୍ଟ ଓ ୯ ଲକ୍ଷ ୭୦ ହଜାର ଠକି ନେଇଛି । ଠକେଇର ଶିକାର ହୋଇଥିବା ଯୁବକମାନେ ଗତ ସୋମବାର ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମଙ୍କୁ ଭେଟି ଘଟଣା ବିଷୟରେ ଜଣାଇଥିଲେ । ଯୁବକମାନଙ୍କ ଠାରୁ ଘଟଣା ସମ୍ପର୍କରେ ଶୁଣିବାପରେ ବ୍ରହ୍ମପୁର ଏସପି ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ଠକେଇର ଶିକାର ହୋଇଥିବା ଯୁବକଙ୍କୁ କହିଥିଲେ । ଏସପିଙ୍କ କହିବା ଅନୁଯାୟୀ ଠକେଇର ଶିକାର ହୋଇଥିବା ଯୁବକମାନେ ସମ୍ପୃକ ବ୍ୟକ୍ତିଙ୍କ ନାମରେ ସ୍ଥାନୀୟ ଗୋଷାଣୀନୁଆ ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ଅଭିଯୋଗ ମୁତାବକ, ଖଲ୍ଲିକୋଟ ଲଙ୍ଗଲେଶ୍ୱର ପେଣ୍ଡରାପଲ୍ଲୀ ଗ୍ରାମର ପ୍ରଭାତ ଦଳେଇଙ୍କ ଭଳି ଗଞ୍ଜାମ ଜିଲ୍ଲାର ପ୍ରାୟ ୨୦ ଜଣ ବେକାର ଯୁବକ କାମ ଅନ୍ୱେଷଣରେ ରହିଥିଲେ । ଏହି ସମୟରେ ଗୋଲାନ୍ଥରା ଥାନା କୋଠାରସିଂ ଗ୍ରାମର ସିଏଚ ମୋହନ ରେଡ୍ଡୀଙ୍କ ସହ ତାଙ୍କର ପରିଚିତ ହୋଇଥିଲା । ଏହି ବେକାର ଯୁବକଙ୍କୁ କେନିଆ ଦେଶରେ କୁଶଳୀ ଶ୍ରମିକ ଭାବେ ନିଯୁକ୍ତ କରାଇ ଦେବ ବୋଲି ମୋହନ ପ୍ରତିଶ୍ରୁତି ଦେଇଥିଲେ । ଆଉ ସମସ୍ତ ଯୁବକଙ୍କୁ ବିଦେଶ ଯିବ ପାଇଁ ପାସପୋର୍ଟ ପ୍ରସ୍ତୁତ କରିବାକୁ କହିଥିଲେ । ସମ୍ପୃକ୍ତ ଯୁବକମାନେ ପାସପୋର୍ଟ ପ୍ରସ୍ତୁତ କରିବା ପରେ ସେଠାକାର ଏକ କମ୍ପାନୀରେ ନିଯୁକ୍ତି ପାଇଁ ସମସ୍ତଙ୍କୁ କମ୍ପାନୀର ଅଫର ଲେଟର ଦେଇଥିଲେ । ତେବେ ସେଠାରେ ନିଯୁକ୍ତି ଭିସା ପାଇବାକୁ ହେଲେ ୨୫ ହଜାର ଟଙ୍କା ଲେଖାଏଁ ଦେବାକୁ ମୋହନ କହିଥିଲା । ମୋହନ ସମସ୍ତ ଯୁବକଙ୍କୁ ବ୍ରହ୍ମପୁରରେ ଥିବା ଗୋଶାଣୀନୂଆ ଗାଁ ଥାନା ଅଞ୍ଚଳରେ ଥିବା ମମତା ଗେଷ୍ଟ ହାଉସକୁ ଡାକି ସେଠାରେ ଅଫର ଲେଟରରେ ଦସ୍ତଖତ କରିବାକୁ କହିଥିଲା । ଏହାପରେ ଯୁବକଙ୍କୁ ଫ୍ଲାଇଟ ଟିକେଟ ବାବଦକୁ ଆଉ ୨୩ ହଜାର ୫୦୦ ଲେଖାଏ ଦେବାକୁ କୁହାଯାଇଥିଲା । ବିଦେଶ ଯାଇ କାମ କରି ଅଧିକ ଟଙ୍କା ରୋଜଗାର ଆଶାରେ ୨୦ ଜଣ ଯୁବକ ମୋଟ ୯ ଲକ୍ଷ ୭୦ ହଜାର ଟଙ୍କା ମୋହନଙ୍କୁ ଦେଇଥିଲେ । କିଛି ଦିନ ପରେ ମୋହନ ସମସ୍ତଙ୍କୁ ନିଯୁକ୍ତି ଭିସା ବଦଳରେ କେନିୟା ଦେଶର ଟୁରିଷ୍ଟ ଭିସା ଦେଇଥିଲେ।

ଏ ନେଇ ଯୁବକମାନେ ପ୍ରଶ୍ନ କରିବାରୁ ମୋହନ ସେମାନଙ୍କୁ ବୁଝାଇବା ସହ କେନିୟାରେ ପହଞ୍ଚିବା ପରେ କମ୍ପାନୀ ପକ୍ଷରୁ ନିଯୁକ୍ତି ଭିସା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା । ଯଦି ନିଯୁକ୍ତ ଭିସା ନ ମିଳେ ତେବେ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି ମୋହନ ପ୍ରତିଶ୍ରୁତି ଦେଇଥିଲେ । ଟଙ୍କା ଦେବାର କିଛି ଦିନ ପରେ ଫ୍ଲାଇଟ୍ ଟିକେଟ କଥା ପଚାରିବାରୁ ସେ ଆଜି ଦେବି କାଲି ଦେବି କହି ଦିନ ଗଡ଼ାଇ ଚାଲିଥିଲେ। କିଛି ଦିନ ପରେ ଯୁବକଙ୍କ ଫୋନ୍ ଗ୍ରହଣ କରି ନଥିଲେ । ଏପରିକି ମୋହନ ଧମକ ମଧ୍ୟ ଦେଇଥିଲେ ବୋଲି ଠକେଇର ଶିକାର ହୋଇଥିବା ଯୁବକ ପ୍ରଭାତ ଦଳେଇ ନିଜ ଅଭିଯୋଗରେ ଦର୍ଶାଇଛନ୍ତି । ଏବେ ମୋହନ ୨୦ ଜଣ ବେକାର ଯୁବକଙ୍କ ପାସପୋର୍ଟ ଓ ଉକ୍ତ ଟଙ୍କା ନେଇ ଧରା ଛୁଆଁ ଦେଉନଥିବା ଅଭିଯୋଗ ରହିଛି ।

- **କେନିଆରେ କୁଶଳୀ ଶ୍ରମିକ ଭାବେ ନିଯୁକ୍ତ ଦେବାକୁ କହିଥିଲେ**
- **୯ ଲକ୍ଷ ୭୦ ହଜାର ଠକେଇ**
- **ଏସପିଙ୍କୁ ଭେଟିଲେ ଠକେଇର ଶିକାର ଯୁବକ**

# ୧୦ଟି ଚୋରି ମୋବାଇଲ୍ ଉଦ୍ଧାର



**ବ୍ରହ୍ମପୁର, ୬।୨(ସମିସ)**

୧୦ଟି ଚୋରି ମୋବାଇଲ ଫୋନକୁ ସାଇବର ଥାନା ପୁଲିସ ଉଦ୍ଧାର କରି ମୋବାଇଲର ପ୍ରକୃତ ମାଲିକୁ ଫେରସ୍ତ କରିଛି। ସ୍ଥାନୀୟ ଆମ୍ବପୁଆର ବି. ତିରୁପତି ରାଓ, ଗୋଷାଣୀନୁଆ ଗାଁର ଶିବରାମ ସାମନ୍ତରାୟ, ଗୋଳନ୍ଥରାର ପ୍ରଲ୍ଲଭି ଟାଟା, ସସ୍ମିତା ଦଳବେହେରା, ବଡ଼ ବଜାର ଅଞ୍ଚଳର ଅମିତ କୁମାର ପାତ୍ର, ସିଏଚ ଓମ୍ ପାତ୍ର, ଜେ. ତନୁଜା, ଲାଞ୍ଜିପଲ୍ଲୀର ବିଶ୍ୱଜିତ ପଟ୍ଟନାୟକ, କୁନି ନାୟକ ଓ ଗୋଳନ୍ଥରା ନିରାକାର ନଗରର ଅଶୋକ କୁମାର ତ୍ରିପାଠୀ ନିଜର ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏହିକ୍ରମରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ସାଇବର୍ ଥାନା ପୁଲିସ ଚୋରି ହୋଇଥିବା ମୋବାଇଲ୍ ଫୋନକୁ ଉଦ୍ଧାର କରି ପ୍ରକୃତ ମାଲିକଙ୍କୁ ଚିହ୍ନଟ କରି ଫେରସ୍ତ କରିଛି। ଲୋକମାନେ ନିଜ ନିଜର ଉପଯୁକ୍ତ ପ୍ରମାଣ ପତ୍ର ଦେଖାଇ ଚୋରି ହୋଇଥିବା ମୋବାଇଲକୁ ଫେରି ପାଇବା ପରେ ବେଶ୍ ଖୁସି ହୋଇଛନ୍ତି। ଚୋରଙ୍କୁ ଧରିବା ପାଇଁ ପୁଲିସ ଟିମ ଟ୍ରାକିଂ କରନ୍ତି। ଚୋରମାନେ ନାମିଦାମୀ ମୋବାଇଲ ଚୋରି କରି ଅଳ୍ପ ଟଙ୍କାରେ ବିକ୍ରି କରନ୍ତି। ପୁଲିସ ଅଧିକାଂଶ ଚୋରି ମୋବାଇଲ କିଣିଥିବା ଲୋକଙ୍କଠାରୁ ଚୋରି ମୋବାଇଲ ଉଦ୍ଧାର କରିଥିବା ଜଣାପଡ଼ିଛି। ତେଣୁ ପୁଲିସ ସତର୍କ କରାଇଛି। ଯେଉଁମାନେ କୌଣସି ବ୍ୟକ୍ତିଙ୍କଠାରୁ ମୋବାଇଲ କିଣୁଛନ୍ତି ତେବେ ମୋବାଇଲର ଆବଶ୍ୟକ କାଗଜପତ୍ର ଯାଞ୍ଚ କରି କିଣନ୍ତୁ ବୋଲି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍।

**ପ୍ରକୃତ ମାଲିକକୁ ହସ୍ତାନ୍ତର କଲା ସାଇବର ଥାନା ପୁଲିସ**

# ସରକାରୀ ମେଡିକାଲ୍ କ୍ୟାମ୍ପସ୍ ହାଇସ୍କୁଲର ବାର୍ଷିକ ଉତ୍ସବ

**ବ୍ରହ୍ମପୁର, ୬।୨(ସମିସ)**

ସ୍ଥାନୀୟ ସରକାରୀ ମେଡିକାଲ କ୍ୟାମ୍ପସ ହାଇସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ଼. ପ୍ରଭାତୀ କୁମାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆରଡ଼ାବ୍ଲୁଏସଏସର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ପୁରାତନ ଛାତ୍ର ସୋରଜ କୁମାର କର ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ବିଦ୍ୟାଳୟର ରୂପାନ୍ତିକରଣ ଦେଖି ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ସମୀର ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ ପ୍ରଧାନ, ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଏମ. ଶ୍ରୀନିବାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କସ୍ତୁରୀ ପଟ୍ଟନାୟକ ଓ ପୂର୍ବତନ ଛାତ୍ର ଅରୁଣ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ବିଦ୍ୟାର୍ଥୀଙ୍କ ଦ୍ୱାରା ଲିଖିତ ସ୍ମରଣିକା ଅତିଥିମାନେ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ଛାତ୍ର ଯାସିର ଖାନ୍ ଓ ଆଶୁତୋଷ ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଡ଼. ପ୍ରଭାତୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରାତନ ଛାତ୍ର ଦେବାଶିଷ ପାଢ଼ୀ ଛାତ୍ରମାନଙ୍କୁ ବେଦ ପାଠରେ ସହଯୋଗ କରିଥିଲେ। ଗତ ବର୍ଷ ବିଦ୍ୟାଳୟର ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପୁରାତନ ଛାତ୍ର ନୀଳାଦ୍ରି ବିହାରୀ ନାୟକ, ଡ଼. ଦେବାଶିଷ ମହାପାତ୍ର ଓ ଅବସର ପ୍ରାପ୍ତ ଶିକ୍ଷକ ବିଜୟ କୁମାର ରଣାଙ୍କୁ ବିଦ୍ୟାଳୟ ପ୍ରତି ସେବା କାର୍ଯ୍ୟ ଯୋଗୁଁ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହା ସହ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ସଂସ୍କୃତ ଶିକ୍ଷକ ନିତ୍ୟାନନ୍ଦ ଦାସ ଓ ବିଜ୍ଞାନ ଶିକ୍ଷୟିତ୍ରୀ କମଳ କୁମାରୀ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସଦସ୍ୟ, ପୁରାତନ ଛାତ୍ର କମିଟିର ସଦସ୍ୟ, ରାଜ୍ୟରେ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡ଼. ପ୍ରଭାତୀ କୁମାରୀ ମହାପାତ୍ର ଓ ଶ୍ରେଷ୍ଠ ବିଦ୍ୟାଳୟ ମାନ୍ୟତା ପାଇଁ ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜିତା ଶତପଥୀଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟରେ ବିଭିନ୍ନ ବର୍ଗ ଅନୁଷ୍ଠିତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ' ଝିଅ ନୁହେଁ ସେ ପରୀ ଟିଏ ' ମଞ୍ଚସ୍ଥ ହୋଇଥିଲା। ପରିଶେଷରେ ଶିକ୍ଷକ ନିତ୍ୟାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ରଞ୍ଜିତା ଶତପଥୀ, ବିଦ୍ୟୁଲାଲ ପାତ୍ର, ବିଜୟ କୁମାର ପାଢ଼ୀ, ଅରୁଣ କୁମାର ପ୍ରଧାନ, ଟି. ଲଡୁ କିଶୋର ପାତ୍ର, ବିପିନ ବିହାରୀ ପାଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



# ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍

**ବ୍ରହ୍ମପୁର, ୬।୨(ସମିସ):** ସ୍ଥାନୀୟ ଖଲାସି ସାହି ଛକରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରିପିଟ ହେଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଏସଆଇ ରାଜ କିଶୋର ପାତ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ମାରପିଟ୍ କରୁଥିବା ଦୁଇଗୋଷ୍ଠୀର ୪ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଟକ ଯୁବକମାନେ ହେଲେ ସ୍ଥାନୀୟ ଖାରବେଳ ନଗରର ଆଶିଷ କୁମାର ବାରିକ(୩୬), ପବିତ୍ର କୁମାର ପ୍ରଧାନ (୨୪), ଅନ୍ୟ ଗୋଷ୍ଠୀର ଖଲାସି ସାହିର ଜି. ପ୍ରଶାନ୍ତ (୨୬) ଓ ପାଟପୁର ଥାନା ପ୍ରତାପଗିରି ଗ୍ରାମର ରଜନୀକାନ୍ତ ଜେନା(୨୬)। ସୂଚନାଯୋଗ୍ୟ ଯେ, ଗତକାଲି ରାତି ୧୦ଟା ୩୦ମିନିଟ ସମୟରେ ଟାଉନ ଥାନା ଅନ୍ତର୍ଗତ ଖଲାସି ସାହି ନିକଟରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରିପିଟ ହେଉଥିବା ପୁଲିସକୁ ଖବର ମିଳିଥିଲା। ଥାନା ଅଧିକାରୀ ସୁରେଶ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ପେଟ୍ରୋଲିଂ କରୁଥିବା ପୁଲିସ ପିସିଆର ଗାଡି ଘଟଣା ସ୍ଥଳେ ପହଞ୍ଚିବା ବେଳକୁ ମାରପିଟ୍ କରୁଥିବା ଯୁବକଙ୍କୁ କାବୁ କରି ନେଇଥିଲେ। ଏସଆଇ ରାଜ୍ କିଶୋର ପାତ୍ର ଓ ତାଙ୍କ ପେଟ୍ରୋଲିଂ ଟିମ ମାରପିଟ୍ କରୁଥିବା ଦୁଇ ଗୋଷ୍ଠୀଙ୍କର ୪ଜଣ ଯୁବକଙ୍କୁ କାବୁ କରିଥିଲେ। ସେହି ୪ ଯୁବକଙ୍କୁ ଥାନାରେ ଅଟକ ରଖି ପୁଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।

**୪ ଅଟକ**

ଘୁମୁସର ଜିଲ୍ଲା ଆନ୍ଦୋଳନ ତେଜିଲା

# ଘୁମୁସର ତାଲୁକା ରଜକ ସମାଜର ଶୋଭାଯାତ୍ରା

**ଭଞ୍ଜନଗର, ୬।୨(ସମିସ):**

ଭଞ୍ଜନଗର ଉପଖଣ୍ଡରେ ସମସ୍ତ ଭିତ୍ତିଭୂମି ଥିବାରୁ ଏହାକୁ ଘୁମୁସର ଜିଲ୍ଲା ଘୋଷଣା କରିବା ପାଇଁ ଦୀର୍ଘଦିନ ହେଲା ବିଭିନ୍ନ ସଙ୍ଗଠନ ଦାବି କରି ଆସୁଛନ୍ତି। ହେଲେ ଏଥିପ୍ରତି କେହି ଧ୍ୟାନ ଦେଉ ନ ଥିବାରୁ ମଙ୍ଗଳବାର ଏହାର ପ୍ରତିବାଦରେ ଘୁମୁସର ତାଲୁକା ରଜକ ସମାଜ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇଥିଲା। ଏଥିରେ ଶହ ଶହ

**● ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ**



ପୁରୁଷ ଓ ମହିଳା ସାମିଲ ହୋଇ ହାତରେ ପ୍ଲା କାର୍ଡ଼ ଧରି ଓ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିବା ସହ ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବି ମଧ୍ୟରେ ୮ଟି ବ୍ଲକ, ୮ଟି ତହସିଲ, ୧୮୫ଟି ପଞ୍ଚାୟତ ଓ ୭୪୩ଟି ଗ୍ରାମ ଥିବା ଏହି ବିରାଟ ଉପଖଣ୍ଡରେ ବସବାସ କରୁଥିବା ଲୋକେ ଏବେ ସରକାରୀ ସୁବିଧା ସୁଯୋଗ ପାଇବା ପାଇଁ ସବୁବେଳେ ଛତ୍ରପୁର ଯିବା ଆସିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଥିରୁ ମୁକ୍ତି ପାଇବା ପାଇଁ ଘୁମୁସର ଜିଲ୍ଲା ଗଠନ ସକାଶେ ସଂଗ୍ରାମ କରି ଆସୁଛନ୍ତି। ପୂର୍ବରୁ ଘୁମୁସର ଜିଲ୍ଲା ଘୋଷଣା ପାଇଁ ଭଞ୍ଜନଗର, ସୋରଡ଼ା, ଜଗନ୍ନାଥପ୍ରସାଦ, ବେଲଗୁଣ୍ଠା, ବୁଗୁଡ଼ା, ବାଲିପଦର ଭଳି ବିଭିନ୍ନ ସ୍ଥାନରେ ପଦଯାତ୍ରା, ବନ୍ଦ ପାଳନ,ଚିଠି ଲେଖା ଅଭିଯାନ କରାଯାଇଥିଲା। ଏଥିସହ ବିଭିନ୍ନ ପଞ୍ଚାୟତ ଓ ଗ୍ରାମରେ ମଧ୍ୟ ଜନସାଧାରଣଙ୍କୁ ଏହି ଆନ୍ଦୋଳନରେ ସାମିଲ କରିବା ପାଇଁ ସଚେତନ ରଥ ପରିକ୍ରମା କରୁଛି। ଏହି ଅବସରରେ ଘୁମୁସର ତାଲୁକା ରଜକ ସମାଜ ମଧ୍ୟ ଏହାର ଯଥାର୍ଥତାକୁ ଉପଲବ୍‌ଧି କରି ମଙ୍ଗଳବାର ନିଜର ସମର୍ଥନ ଜଣାଇ ଆନ୍ଦୋଳନକୁ ଓହ୍ଲାଇଛି।

ଘୁମୁସର ଜିଲ୍ଲା ଆନ୍ଦୋଳନ ଗତ ୧୯୯୩ ମସିହା ଠାରୁ ସ୍ୱର୍ଗତ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରୁ ଦୀର୍ଘ ୩୦ ବର୍ଷ ଧରି ଚାଲିଛି। ଏହା ଜିଲ୍ଲାର ମାନ୍ୟତା ପାଇଁ ଦାସ କମିଶନ୍‌ଙ୍କ ଗାଇଡ୍ ଲାଇନ୍ ପ୍ରକାରେ ସବୁ ଭିତ୍ତିଭୂମି ରହିଛି । ୨୦୧୦ ମସିହାରେ ବର୍ତ୍ତମାନର ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିୟାନ ଗଞ୍ଜାମ ଜିଲ୍ଲାପାଳ ଥିବାବେଳେ ରାଜ୍ୟ ସରକାରଙ୍କୁ ଘୁମୁସର ଜିଲ୍ଲା ପାଇଁ ମଧ୍ୟ ସୁପାରିଶ କରିଥିଲେ। ତେଣୁ ଭଞ୍ଜନଗର ସବଡିଭିଜନକୁ ଅଗ୍ରାଧିକାର ଭିତ୍ତିରେ ଘୁମୁସର ଜିଲ୍ଲା ଘୋଷଣା କରିବା ପାଇଁ ଦାବି ଜୋର ଧରିଛି। ଏଥିରେ ରଜକ ସମାଜର ଆବାହକ ନାରାୟଣ ସେଠୀଙ୍କ ସମେତ ଡ଼ମ୍ବୁରୁଧର ସେଠୀ, ରମେଶ ଚନ୍ଦ୍ର ବେହେରା,ପ୍ରସନ୍ନ କୁମାର ସେଠୀ, ନିଳାଞ୍ଚଳ ସେଠୀ, ରାମ ଚନ୍ଦ୍ର ସେଠୀ, ଯୋଗେନ୍ଦ୍ର ସେଠୀ, ତରଣୀସେନ ସେଠୀ, ମୋହନ ଚରଣ ସେଠୀ ଓ ଅନ୍ୟମାନେ ସାମିଲ ହୋଇଥିଲେ।

## ସୂଚନା ଆଇନ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ



**ଛତ୍ରପୁର,୬।୨(ସମିସ):** ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ମଙ୍ଗଳବାର ସୂଚନା ଆଇନ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନର ସହଯୋଗକ୍ରମେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗର ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏବଂ ଜନ ସୂଚନା ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଯାଇଥିଲା । ସୂଚନା ଅଧିକାର ଆଇନ, ୨୦୦୫ ଅଧୀନିୟମ ପ୍ରକାରେ ସମସ୍ତ କାର୍ଯ୍ୟାଳୟ ଗୁଡିକର ତଥ୍ୟ ପ୍ରକାଶନ, କାର୍ଯ୍ୟଧାରା, ଲୋକଙ୍କ ନିମନ୍ତେ ପ୍ରଦତ୍ତ କରାଯାଉଥିବା ସଂପୃକ୍ତ କାର୍ଯ୍ୟାଳୟର ସେବା ଏବଂ ସେହି ସେବା କିଭଳି ପାଇବେ ସେଗୁଡିକର ତଥ୍ୟ ଅନ୍ ଲାଇନ୍ ମାଧ୍ୟମରେ କିଭଳି ପ୍ରକାଶନ କରିବେ ତାହା ପ୍ରଶିକ୍ଷଣ ମାଧ୍ୟମରେ ଆଭାସୀ ଜରିଆରେ ଯୋଡି ହୋଇ ରାଜ୍ୟ ସୂଚନା ଅଧିକାର ପରିଚାଳନା ଦିଗରେ କାର୍ଯ୍ୟ କରୁଥିବା ହର୍ଷ ପରିଚ୍ଛା ପ୍ରାଞ୍ଜଳ ଭାବରେ ଆଭାସୀ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ମାର୍ଗଦର୍ଶନ ପ୍ରକାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ କର୍ମଶାଳାରେ ଉପସ୍ଥିତ ରହି ପ୍ରଶିକ୍ଷଣର ଆବଶ୍ୟକତା ଏବଂ ଏହାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇ ଜଣାଇଥିଲେଯେ, ମାନ୍ୟବର ସୁପ୍ରିମ କୋର୍ଟ ନିର୍ଦ୍ଦେଶ ମୁତାବକ ଅଧୀନିୟମ ପ୍ରକାରେ ଜନସୂଚନା ପ୍ରଦାନ କରିବାର ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ । ଗଞ୍ଜାମ ଜିଲ୍ଲାର ସମସ୍ତ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଏବଂ ଜନ ସୂଚନା ଅଧିକାରୀଗଣ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଏହାର ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଗାଁକୁ ଚାଲ ଅଭିଯାନ କର୍ମଶାଳା



**ଛତ୍ରପୁର,୬।୨(ସମିସ):** ଛତ୍ରପୁର ନିର୍ବାଚନମଣ୍ଡଳୀ ଟାଙ୍ଗଣାପଲ୍ଲୀ ମଣ୍ଡଳ ବିଜେପି ପକ୍ଷରୁ ରଘୁନାଥପୁର ସ୍ଥିତ ମା' ଗୋଜବାୟାଣୀ ମନ୍ଦିର ପରିସରରେ ଗାଁ କୁ ଚାଲ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସଭାପତି ଡା. ସୁବାଷ ସାହୁ, ଏସସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କର, ଏସସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ କୀର୍ତ୍ତନ ଦାସ, ଜିଲ୍ଲା ଉପସଭାପତି ରଶ୍ମିରାଣୀ ମହାପାତ୍ର, ଜିଲ୍ଲା ସମ୍ପାଦକ ଭୀମସେନ ବେହେରା, ଟାଙ୍ଗଣାପଲ୍ଲୀ ମଣ୍ଡଳ ସଭାପତି ସମ୍ପଦ ନାହାକ, ବିକ୍ରମ କୁମାର ଦାସ, ପି.ରଘୁନାଥ ରେଡୀ, ଡି ପ୍ରକାଶ ରାଓ, ବ୍ରଜ ମହାରଣା,ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଲିଙ୍ଗରାଜ ବେହେରା,ଅଭିରାମ ମଣ୍ଡଳ, ସୁମନ୍ତ ସ୍ୱାଇଁ, ପି. କାମରାଜୁ ରେଡ୍ଡି, ଡି. କୈଳାଶ ରେଡ୍ଡି, କୃଷ୍ଣ ଚନ୍ଦ୍ର ପଣ୍ଡା, ଶିବରାମ ପାତ୍ର, ଜୟରାମ ରେଡ୍ଡି, ଗୋବର୍ଦ୍ଧନ ମହାକୁଡ଼, ଏନ୍. ଗଣେଶ ରେଡ୍ଡି, ଏନ୍. ଡାଲାୟା ରେଡ୍ଡି, ପି. ପଦ୍ମ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ




**ରମ୍ଭା,୬।୨(ସମିସ):** ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୩ ଠାରୁ ୫ତାରିଖ ଫେବୃଆରୀ ପର୍ଯ୍ୟନ୍ତ ପାଳିତ ହୋଇ ଆସୁଥିବା ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବାଲୁଙ୍କେଶ୍ୱର ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ଉଦଯାପିତ ହୋଇଛି। ଆୟୋଜିତ ସମାବେଶରେ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଆଶାଲତା ରଚମାଳା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରସନ୍ନ କୁମାର ମିଶ୍ର, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ଡ଼.ବିଜୟାନନ୍ଦ ମହାପାତ୍ର, ଅବସର ପ୍ରାପ୍ତ ଶିକ୍ଷକ ଚରଣ ଜେନା, ଉପାଧ୍ୟକ୍ଷ କାଳିଆ ତରେଇ ପ୍ରମୁଖ ଯୋଗଦେଇ ଓଡ଼ିଆ ସାହିତ୍ୟର ଗୌରବମୟ ଅତୀତର ସ୍ମୃତିଚାରଣ କରିଥିଲେ। ପଣ୍ଡିତ ଡ. ଜଗନ୍ନାଥ ଦାଶଙ୍କ ବେଦମନ୍ତ୍ର ଧ୍ୱନୀରେ ଅତିଥି ଓ ସାହିତ୍ୟିକ ବିଘ୍ନରାଜ ଶ୍ରୀଗଣେଶଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଏବଂ ପରେ ସାମୁହିକ ବନ୍ଦେ ଉତ୍କଳ ଜନନୀ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଏହି ଅବସରରେ ମାତୃଭାଷା ପ୍ରତି ଦାୟିତ୍ୱ, କର୍ତ୍ତବ୍ୟନିଷ୍ଠ ଓ ସୁଦୂର ପ୍ରସାର ପାଇଁ ସହରରେ ସଦା ଚେଷ୍ଟିତ ଗାଳ୍ପିକ,କବି ଓ ସାହିତ୍ୟିକ ବିଜୟାନନ୍ଦ ମହାପାତ୍ର, ଜଗନ୍ନାଥ ଦାଶ , ପଞ୍ଚାନନ ଖଟୁଆ, ସୁଜିତ୍ କୁମାର ବେହେରା, ଚରଣ ଜେନା, ଅଭିମନ୍ୟୁ ନାୟକ, ସବିତରାଣୀ ରଥ, ପ୍ରକାଶ ଚନ୍ଦ୍ର ବାଡତ୍ୟା, ଅଭିମନ୍ୟୁ ପରିଡ଼ା, କେଶବ ବେହେରାଙ୍କ ସହ ତିରିଶିରୁ ଉର୍ଦ୍ଧ୍ୱ କବିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମାରୋହରେ ପ୍ରବନ୍ଧ,ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପ୍ରମୋଦିନୀ ମହାରଣା ସଂଯୋଜନା କରିଥିବା ବେଳେ ପରିଷଦର କର୍ମଚାରୀ ସୁକାନ୍ତ କୁମାର ମହାରଣା, ଜି.ସଙ୍ଗମ ଚୌଧୁରୀ, ସର୍ବନମ ଦାଶ , ଶୁଭଶ୍ରୀ ତ୍ରିପାଠୀ, ଜ୍ୟୋତି ଦୋରା, ପ୍ରଭାସିନୀ ନାୟକ, ମିତା ପ୍ରଧାନ,ମନୋଜ କୁମାର ସେନାପତି, ଦୀପକ କୁମାର ବିଷୋୟୀ,ମନୋଜ ପାଇକରାୟ,କାଳିଆ ନାୟକ, ରଞ୍ଜିତ ନାୟକ ପରିଚାଳନା କରିଥିଲେ। ଇଂ ଲୋକନାଥ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ରମ୍ଭା,୬।୨(ସମିସ): ସ୍ଥାନୀୟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିରୁଳିଗଡ଼ର ବାର୍ଷିକ ଉତ୍ସବ ସୁରେନ୍ଦ୍ର ତରେଇଙ୍କ ସଭାପତତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସୁଦର୍ଶନ ତ୍ରିପାଠୀ ଦେଇଥିବା ବେଳେ ବାର୍ଷିକ ବିବରଣୀ ପଠନ କରିଥିଲେ ପ୍ରଧାନ ଶିକ୍ଷକ ମହାଦେବ ମଲିକ। କାର୍ଯ୍ୟକ୍ରମରେ ରାଜା ସାହେବ ବିଷ୍ଣୁ ପ୍ରସାଦ ସିଂହଦେଓ(ମୁଖ୍ୟ ଅତିଥି), ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଚନ୍ଦ୍ର ତ୍ରିପାଠୀ (ମୁଖ୍ୟ ବକ୍ତା), ସି. ଆର. ସି. ସି ସୀମାଞ୍ଚଳ ପାଢ଼ୀ, ବୈରାଗୀ ଚରଣ ତରାଇ, ସାତୁଳି ପ୍ରକଳ୍ପ ଉ. ପ୍ରା ବିଦ୍ୟାଳୟର ଶିକ୍ଷକ ଜୟକୃଷ୍ଣ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଅଭିଭାଷଣ ମାଧ୍ୟମରେ ଲକ୍ଷ୍ୟ, ତାତ୍ପର୍ଯ୍ୟ, ଉଦ୍ଦେଶ୍ୟ ତଥା ଆଞ୍ଚଳିକ ସହ ପୃଥିବୀର ବିଭିନ୍ନ ସମସ୍ୟା ଉପରେ ଅବଗତ କରାଇଥିଲେ। ଶେଷରେ ମଞ୍ଚ ପରିଚାଳନା ସହ କାର୍ଯ୍ୟକ୍ରମ ସହଯୋଗ କରିଥିଲେ ରବିନ୍ଦ୍ର ତରାଇ,ସୁନନ୍ଦା ରାଣୀ ଆଚାର୍ଯ୍ୟ, ବର୍ଷା ରାଣୀ ବେହେରା।

ରାଜବଂଶ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ଚେରମାରିଆ ଡେଲିସିୟସ କ୍ରିକେଟ୍ କ୍ଲବ



**ଶେରଗଡ,୬।୨(ସମିସ):** ମହାଗାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ଆସିକାର ପାନାସୋନିକ କ୍ରିକେଟ କ୍ଲବ ଓ ଚେରମାରିଆ ଡେଲିସିୟସ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚରେ ପାନାସୋନିକ କ୍ରିକେଟ କ୍ଲବ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାନାସୋନିକ କ୍ରିକେଟ କ୍ଲବ ୧୭.୪ ଓଭରରେ ସମସ୍ତ ବିକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବ୍ରଜକେଶ ୫୯, ଆକାଶ ୨୯, ଜଗମୋହନ ୨୪ ରନ ସଂଗ୍ରହ କରିଥିବା ବେଳେ ଚେରମାରିଆ ପକ୍ଷରୁ ସୁନୀଲ ୩,ସୋମନାଥ ୨ ଏବଂ ଜଗତ ୨ ଟି ୱିକେଟ ଅକ୍ତିଆର କରିଥିଲେ। ୧୮୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଚେରମାରିଆ ଡେଲିସିୟସ କ୍ରିକେଟ କ୍ଲବ ୧୫ ଓଭରରେ ୩ ବିକେଟ ହରାଇ ୧୮୯ ରନ ସଂଗ୍ରହ କରି ବିଜୟ ହାସଲ କରିବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। ଚେରମାରିଆ ଦଳ ପକ୍ଷରୁ ଓପନିଂ ବ୍ୟାଟର ସୋମନାଥ ୫୩, ସୁନୀଲ ୪୮, ଦେବାଶିଷ ୩୮ ରନ କରିଥିବା ବେଳେ ପାନାସୋନିକ କ୍ରିକେଟ କ୍ଲବ ପକ୍ଷରୁ ରାକେଶ ଓ ସାଗ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆଜିର ମ୍ୟାଚ ରେ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ସୁନୀଲଙ୍କୁ ଶେରଗଡ ଥାନା ଏଏସଆଇ କୃଷ୍ଣ ଚନ୍ଦ୍ର ଦାସ ଅତିଥି ଭାବେ ଉପସ୍ଥିତ ରହି ମ୍ୟାନ ଅଫ ଦି ମ୍ୟାଚ କରିଥିଲେ। ମ୍ୟାଚକୁ ସନ୍ତୋଷ କୁମାର ସାହୁ ଓ ଜଗନ୍ନାଥ ଗୌଡ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଅଚ୍ୟୁତ ପାତ୍ର, ଓ ଗୌତମ ଭୂୟାଁ ଦାୟିତ୍ୱ ସମ୍ପାଦନ କରିଥିଲେ।

## ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସ୍ମୃତିତର୍ପଣ



**ଦିଗପହଣ୍ଡି,୬।୨(ସମିସ):** ଓଡ଼ିଶାର ଜନମାନସରେ ସୁପ୍ରସିଦ୍ଧ ବ୍ରହ୍ମଲୀନ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଅବସରରେ ମଙ୍ଗଳବାର ତାଙ୍କ ଜନ୍ମଭୂମି ବଡ଼ଖେମୁଣ୍ଡି ତଥା ଦିଗପହଣ୍ଡିଠାରେ ସ୍ମୃତି ତର୍ପଣ କାର୍ଯ୍ୟକ୍ରମ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ସ୍ଥିତ ଅରକ୍ଷିତ ଦାସ ସ୍ମୃତି ସମିତିର ଅଧ୍ୟକ୍ଷା ନିରୁପମା ପଟ୍ଟନାୟକଙ୍କ ଆବହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖେମଣ୍ଡି ଅଞ୍ଚଳର ଭକ୍ତମାନେ ଦିଗପହଣ୍ଡି ଘୋଡ଼ାହାଡ ରାସ୍ତାରେ ପ୍ରତିଷ୍ଠିତ ସନ୍ଥ ଶ୍ରୀ ଅରକ୍ଷିତ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ସମବେତ ହୋଇ ପୂଜାର୍ଚ୍ଚନା, ଭଜନ ଆଜି କାର୍ଯ୍ୟକ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ବିଶ୍ୱଜିତ ପୁରୋହିତ, କାଳୁ ଚରଣ ବେହେରା,ମିଳନ ପାଣିଗ୍ରାହୀ,କାଳିଆ ପ୍ରଧାନ, ନୀଳକଣ୍ଠ ପଟ୍ଟନାୟକ, ମୁନା ବିଷୋୟୀ ପ୍ରମୁଖ ଅରକ୍ଷିତ ଦାସଙ୍କ ବହୁ ସଂଖ୍ୟକ ଭକ୍ତ ଯୋଗ ଦେଇଥିଲେ।

## ବେଆଇନ ଗଞ୍ଜେଇ ଚାଲାଣ ମାମଲା

ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍, ଜରିମାନା

**ଛତ୍ରପୁର,୬।୨(ସମିସ):** ବେଆଇନ ଗଞ୍ଜେଇ ଚୋରାଚାଲାଣ ମାମଲାର ଚୂଡାନ୍ତ ରାୟ ମଙ୍ଗଳବାର ପ୍ରକାଶ ପାଇଛି । ଛତ୍ରପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମନୋରଞ୍ଜନ ଦାଶ ଏହି ମାମଲାର ବିଚାର କରି ଅଭିଯୁକ୍ତ କାଞ୍ଚୁ ଦାସ୍‌କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ କାଞ୍ଚୁକୁ ୧୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ କୁହାଯାଇଛି । ଜରିମାନା ଅନାଦେୟରେ ଅତିରିକ୍ତ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କରି ରାୟରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଓକିଲ ସୀମାଞ୍ଚଳ ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ । ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୨ ମସିହା ନଭେମ୍ବର ୬ ତାରିଖରେ କନ୍ଧମାଳ ଜିଲ୍ଲା କେରୁବାଡି ଅଞ୍ଚଳର କାଞ୍ଚୁଦାସ ଏକ ଇଣ୍ଡିକୋ କାରରେ ବେଆଇନ ଭାବେ ୧୦୦ କେ.ଜି. ଗଞ୍ଜେଇ ଚୋରାଚାଲଣ କରୁଥିବା ବେଳେ ଛତ୍ରପୁର ଉତ୍କଳେଶ୍ୱରୀ ମନ୍ଦିର ନିକଟ ୧୬ ନଂ ଜାତୀୟ ରାଜପଥରେ ଗଞ୍ଜାମ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ଗିରଫ କରାଯାଇଥିଲା । ଅବକାରୀ ବିଭାଗ ପକ୍ଷର। ଏକ ମାମଲା ରୁଜୁ କରି ଅଭିଯୁକ୍ତ କାଞ୍ଚୁକୁ କୋର୍ଟ ଚାଲଣ କରାଯାଇଥିଲା। ମାମଲା କୋର୍ଟରେ ବିଚାରଣା ରହିଥିବା ବେଳେ ମଙ୍ଗଳବାର ଏହାର ଚୂଡାନ୍ତ ରାୟ ପ୍ରକାଶ ପାଇଛି।

## 'ଆମ ଓଡ଼ିଶା- ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**ଛତ୍ରପୁର,୬।୨(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ବଉଳଗାଁ ପଞ୍ଚାୟତସ୍ତରୀୟ "ଆମ ଓଡ଼ିଶା -ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ପ୍ରତିମା ଦାସ, ସମିତିସଭ୍ୟ ରାମ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱ ଏବଂ ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଂଚାୟତରେ ହୋଇଥିବା ବିଭିନ୍ନ କାର୍ଯ୍ୟର ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା । ଏଥିରେ ଛତ୍ରପୁର ବିଧାୟକ ସୁଭାଷ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଦ୍ୱାରା ଲୋକେ କିଭଳି ସୁବିଧା ପାଇ ପାରୁଛନ୍ତି ସେ ବିଷୟରେ ସଚେତନତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା ଓ ରଶ୍ମିତା ନାହାକ, ବଉଳଗାଁ ନାଏବ ସରପଞ୍ଚ ଅଶୋକ ମୁଦୁଲି, ଆଦିକନ୍ଦ ମହାରଣା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସନ୍ତୋଷ ମିଶ୍ର, ଚିରଞ୍ଜୀବ ପରିଡା,ଯୁବ ନେତା ବାପି ଦାସ, ପୂର୍ବତନ ସମିତିସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡି ଓ ମଥୁରା ଚରଣ ସୁବୁଦ୍ଧି, ଛତ୍ରପୁର ଏନଏସି ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ, ସୁରେଶ ଦାଶ, ଅଭିରାମ ପ୍ରଧାନ, ସନ୍ତୋଷ ବେହେରା ଓ କିଶୋର ବେହେରାଙ୍କ ସମେତ ବହୁ ଜନ ପ୍ରତିନିଧି, ମିଶନଶକ୍ତିର ମହିଳା, ଭଦ୍ର ବ୍ୟକ୍ତି ଏବଂ ଜନସାଧାରଣ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଲଇଡି ମାଧ୍ୟମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସହିତ ବଉଳ ଗାଁ ପଂଚାୟତରେ ହୋଇଥିବା ବିଭିନ୍ନ ବିକାଶ ଭିଡିଓ ଉପସ୍ଥିତ ଜନସାଧାରଣ ଦେଖିଥିଲେ।

ପ୍ରାଣୀ ଚିକିତ୍ସକଙ୍କ ଧର୍ମଘଟ

# ଭଞ୍ଜନଗରରେ ପ୍ରାଣୀ ଚିକିତ୍ସାରେ ଅଚଳାବସ୍ଥା

**ଭଞ୍ଜନଗର,୬।୨(ସମିସ):**

ବିଭିନ୍ନ ଦାବି ନେଇ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଡ଼ାକରାରେ ଗତ ଜାନୁଆରୀ ୧୮ ତାରିଖରୁ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଚିକିତ୍ସକ ମାନେ ଧାରଣା ଦେଇଛନ୍ତି।ଏହା ଦ୍ୱାରା ପ୍ରାଣୀଚିକିତ୍ସା ବାଧାପ୍ରାପ୍ତ ହେବା ସହ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି। ପ୍ରାଣୀ ଚିକିତ୍ସକଙ୍କ ଧର୍ମଘଟ ଯୋଗୁଁ ଭଞ୍ଜନଗର ଡାଏରୀ ଫାର୍ମାରେ ସଙ୍ଗୀନ ପରିସ୍ଥିତି ଉପୁଜିଛି। ଏହି ଡାଏରୀ ଫାର୍ମାରେ ୩୨ଟି ଗାଈ,୨୦ଟି ବାଛୁରୀ ଓ ୨୦ଟି ଷଣ୍ଢ ଓ ୧୭ଟି ଛଡା ଥିବା ବେଳେ ସେମାନଙ୍କ ଖାଦ୍ୟ, ପାନୀୟ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ସଙ୍କଟ ଦେଖାଦେଇଛି। ଏହି ସରକାରୀ ଫାର୍ମରେ ୧୭ଏକର ଜମିରେ ଘାସ ଚାଷ ହୋଇଥିବା ବେଳେ ୧୧ଜଣ ଦୈନିକ ମଜୁରିଆ ପ୍ରାଣୀଙ୍କ ଯତ୍ନନେବା



ଦାୟତ୍ୱରେ ଅଛନ୍ତି। କିନ୍ତୁ କର୍ମଚାରୀଙ୍କ ଜାନୁଆରୀ ମାସର ଦରମା ମିଳିନାହିଁ। ଫଳରେ କେତେ ଦିନ ଏପରି ଭୋକ ଉପବାସରେ ରହି କର୍ମଚାରୀମାନେ ଗାଇବାଛୁରୀଙ୍କ ସେବା ଯୋଗାଇବେ ତାହାକୁ ନେଇ ଶ୍ରମିକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଏପରି ଆନ୍ଦୋଳନ ଲାଗି ରହିଲେ ମଜୁରିଆ ମାନେ ପେଟପାଟଣା ପାଇଁ କାମ ଅନ୍ୱେଷଣରେ ଅନ୍ୟତ୍ର ଚାଲିଯିବାକୁ ବାଧ୍ୟ ହେବେ ବୋଲି ଶ୍ରମିକମାନେ କହିଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ଧର୍ମଘଟ ଯୋଗୁଁ ଭଞ୍ଜନଗର ପ୍ରାଣୀଧନ ଛାତ୍ରଛାତ୍ରୀଙ୍କ ପାଠପଢା ସମ୍ପୂର୍ଣ୍ଣ ଠପ ହୋଇଥିବା ବେଳେ ସେମାନଙ୍କ ହଷ୍ଟେଲ ଚାଳିବାରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ପ୍ରାଣୀ ଚିକିତ୍ସକଙ୍କ ହାତରେ ଆର୍ଥିକ କ୍ଷମତା ଥିବାରୁ ଡ଼ାଇରୀ ଫାର୍ମ ଓ ତାଲିମ୍ କାର୍ଯ୍ୟକ୍ରମ ଆଗକୁ ବଢିବା ନେଇ ସମସ୍ୟା ଦେଖାଦେଇଛି। ରାଜ୍ୟସରକାର ଏଲ. ଆଇ ମାନଙ୍କୁ ପରିଚାଳନା ଦାୟିତ୍ୱ ଦେଇଥିଲେ ହେଁ ପରିଚାଳନା ପାଇଁ ଆର୍ଥିକ କ୍ଷମତା ନଥିବାରୁ ଭଞ୍ଜନଗର ପରି ଡ଼ାଇରୀ ଫାର୍ମରେ ଶ୍ରମିକ ସମସ୍ୟା, ଗୋ ଶାଳାକୁ ଖାଦ୍ୟ ଯୋଗାଣ ଓ ପ୍ରଶିକ୍ଷଣ ନେବା ପାଇଁ ଆସିଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଚରମ ସମସ୍ୟା ଉପୁଜୁଛି। ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପ୍ରାଣୀ ଚିକିତ୍ସକଙ୍କ ସମସ୍ୟାର ସମାଧାନ କରିବାକୁ ଦାବି ହୋଇଛି।

## ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଆସିକା,୬।୨(ସମିସ):** ଆସିକା ବ୍ଲକ ଗଙ୍ଗାପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ମନୋଜ କୁମାର ନାହାକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଡ଼ିଓ ଫକୀର ଚରଣ ପରିଡା, ସମିତିସଭ୍ୟ ପ୍ରଭାତ କୁମାର ନାହାକ ଓ ପଞ୍ଚାୟତ ଅଫିସର ରିଙ୍କୁ ପାତ୍ର ଯୋଗ ଦେଇଥିଲେ। ଏଥିସହ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ଅଙ୍ଗନବାଡି କର୍ମୀ, ବିପିଏମ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଯୋଜନା ଘରେ ଘରେ ପହଞ୍ଚାଇବା ସହ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନତା କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ କୁନିକୁନି କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ମିଶନ ଶକ୍ତି ମହିଳା ମାଙ୍କୁ ଋଣ ପ୍ରଦାନ କରାଯାଇଥିବା ବେଳେ ସାମ୍ବାଦିକ ରତ୍ନାକର ସାହୁ ମଞ୍ଚ ପରିଚାଳନା କରିଥିଲେ।



## ଆତ୍ମରକ୍ଷା ତାଲିମ ଶିବିର



**ଛତ୍ରପୁର,୬ ।୨(ସମିସ):** ଛତ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଗତ ୧୮ ତାରିଖରୁ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡଃ ପ୍ରମୋଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି। ମାଷ୍ଟର ଟ୍ରେନର ଭାବରେ ଟି ସରସ୍ୱତୀ ଓ ସଂଗୀତା କୁମାରୀ ଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡଃ ଆରତୀ କୁମାରୀ ପଣ୍ଡା, ଡଃ ଶାନ୍ତିଲତା ବେହେରା, ଡଃ ମିଲିମିତା ପାଢ଼ୀ, ଦୁର୍ଗାବାଳା ଟୁଡୁ ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ବତନ ସାଂସଦଙ୍କ ସ୍ମୃତିସଭା



**ଆସିକା,୬ ।୨(ସମିସ):** ଆସିକା ଲୋକସଭା ନିର୍ବାଚନମଣ୍ଡଳୀର ପୂର୍ବତନ ସାଂସଦ ଲଡୁ କିଶୋର ସ୍ୱାଇଁଙ୍କ ପଞ୍ଚମ ଶ୍ରାଦ୍ଧ ଦିବସ ଅବସରରେ ନିଜ ଜନ୍ମ ମାଟି ପଥରା ଗାଉଁଡବନରେ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳୀର ତାଙ୍କ ଅନୁଗତ ମାନେ ତାଙ୍କରି ଫୋଟ ଚିତ୍ର ଉପରେ ପୁଷ୍ପ ମାଲ୍ୟ କରିଥିଲେ। ଏହି ଅବସରରେ ତାଙ୍କ ଧର୍ମ ପତ୍ନୀ ତଥା ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ପଥରା ଠାରେ ଥିବା ସ୍ୱର୍ଗତ ସ୍ୱାଇଁଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏନେଇ ଅନୁଷ୍ଠିତ ସଭାରେ ମାନ୍ୟ ଗଣ୍ୟ ବ୍ୟକ୍ତି ଓ ଆସିକା ସମେତ ବିଭିନ୍ନ ନିର୍ବାଚନମଣ୍ଡଳୀର ବହୁ ସଂଖ୍ୟକ ଲୋକ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିଲେ।

## ପାଟୁଲିସାହି ୟୁପି ସ୍କୁଲର ବାର୍ଷିକ ଉତ୍ସବ



**ବେଲଗୁଣ୍ଠା,୬ ।୨(ସମିସ):** ବେଲଗୁଣ୍ଠା ବ୍ଲକ ପାଟୁଲିସାହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ରଶ୍ମିତା ସ୍ୱାଇଁ, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ, ସମ୍ମାନିତ ଅତିଥି ରୂପେ ସିଆରସିସି କାଳୁଚରଣ ଗୌଡ଼, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସଂଯୁକ୍ତା ବିଶୋୟୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାଗୁଣି ମିଶ୍ର, ବାଳକୃଷ୍ଣ ସାବତ, ଦେବରାଜ ପ୍ରଧାନ, ସମାଜସେବୀ ତୁତୁଙ୍କ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଜ୍ଞାପନ କରିଥିଲେ। ଶିକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ, କୁମାରଜେନା, ଶିକ୍ଷୟିତ୍ରୀ ଶ୍ରୀବାଳା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସରକାରୀ ସାହାଯ୍ୟରୁ ବଞ୍ଚିତ ପକ୍ଷାଘାତ ରୋଗୀ ମଦନ



**ଧରାକୋଟ,୬ ।୨(ସମିସ):** ଘରେ ଆଠ ପ୍ରାଣୀ କୁଟୁମ୍ବ। ରୋଜଗାର କହିଲେ ସାଇକେଲ ମାର୍ଟରୁ ଯାହାକିଛି ଆୟ। ଦୁଃଖ କଷ୍ଟ ମଧ୍ୟରେ ନିଜର ସଂସାରକୁ ଚଳାଇ ନେଉଥିବା ମଦନ ଦାସଙ୍କ ଜୀବନରେ ଅଚାନକ କଳା ବାଦଲ ଘୋଟି ଆସିବା ଭଳି ଘଟଣା ଘଟିଲା। ଅଚାନକ ମଦନ ପକ୍ଷାଘାତ ରୋଗରେ ପୀଡିତ ହେବା ପରେ ପରିବାରର ସ୍ଥିତି ବଦଳି ଯାଇଥିଲା। ସ୍ତ୍ରୀ ଶାନ୍ତିଲତା, ପୁଅ ମିଟୁ, ହୃଷୀକେଶ, ସୁନିଲ, ଝିଅ ମମତା, ଗୀତା ଓ ତୁଳସୀ ନେଇ ମଦନଙ୍କ ପରିବାର। ବାପା ରୋଗରେ ପୀଡ଼ିତ ହେବା ପରେ ବଡ଼ପୁଅ ମିଟୁ ବାହାର ରାଜ୍ୟକୁ କାମଧନ୍ଦା ପାଇଁ ଯାଇଥିବା ବେଳେ ସାନ ପୁଅ ସୁନିଲ ସାଇକେଲ ମାର୍ଟ ଚଳାଉଛି। ହୃଷୀକେଶ ତାଙ୍କୁ ସାହାଯ୍ୟ କରୁଛନ୍ତି। ଜମି ହୀନ ଏହି ପରିବାର ଧରାକୋଟ ବ୍ଲକର ବାରାବଗୁଡ଼ା ପଞ୍ଚାୟତ ନିକଟସ୍ଥ ଚରିଚ୍ଛକରେ ଏକ ଖଣ୍ଡି ମାଟି ଘରେ ବାସ କରୁଛନ୍ତି। ସରକାରଙ୍କ ତରଫରୁ ମିଳିଥିବା ରେସନ କାର୍ଡରୁ ମିଳୁଥିବା ଚାଉଳ ଓ ମାର୍ଟରୁ ହେଉଥିବା ସାମିତ ରୋଜଗାର ଚଳିବା ପାଇଁ ଯଥେଷ୍ଟ ହେଉନାହିଁ। ସାମିତ ରୋଜଗାର ସହ ଧାର କରଜ କରି ପରିବାର ଲୋକେ ମଦନଙ୍କ ଚିକିତ୍ସା କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ବାମ ପାଖ ହାତ ଓ ଗୋଡ଼ ସମ୍ପୂର୍ଣ୍ଣ ଅଚଳ। ଅଧିକ ଚିକିତ୍ସା ପାଇଁ ଅର୍ଥ ନାହିଁ। ବହୁ କଷ୍ଟରେ ମଦନଙ୍କୁ ପରିବାର ଲୋକେ ବ୍ରହ୍ମପୁର ସିଟି ହସ୍ପିଟାଲକୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ନେଇଥିଲେ ମଧ୍ୟ ସେ ନିରାଶ ହୋଇ ଫେରିଛନ୍ତି। ଏଣୁ ମଧୁବାବୁ ପେନସନ ଯୋଜନାରୁ ସେ ବଞ୍ଚିତ ହୋଇ ରହିଛନ୍ତି। ଏଣୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ପରିବାର ଲୋକେ ଅନୁରୋଧ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଲାଗି କ୍ଷେତ୍ର ପରିଦର୍ଶନ



**ଶେରଗଡ଼,୬ ।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ସପ୍ତାହରେ ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏ ଅବସରରେ ସେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ। ସେଥିଲାଗି ଆଜି ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା ଶେରଗଡ ବ୍ଲକ ଗସ୍ତ କରିଛନ୍ତି। ସଭାସ୍ଥଳ ଏବଂ ହେଲିପ୍ୟାଡ ଲାଗି ସ୍ଥାନ ନିରୂପଣ ସହିତ ପାର୍କିଂ, ଯାତାୟାତ ଲାଗି ତଦାରଖ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀକୁ ଆସୁଥିବାରୁ ନିଜ ପ୍ରିୟ ନେତାଙ୍କୁ ଦେଖିବା ଲାଗି ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ସିଡ଼ିଓଙ୍କ ଗସ୍ତ ସମୟରେ ଏଡିଏମ ଦେବବ୍ରତ ସାହୁ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାଶିଷ ବରାଳ, ଥାନାଧିକାରୀ ବିରେନ୍ଦ୍ର ସିଅଳ, ରାଜସ୍ୱ ସୁପର ଭାଇଜର ପି.ପଞ୍ଚମା ଓ ପ୍ରଭାକର ଗୌଡ, ପିଡବ୍ଲୁଡି ନିର୍ବାହୀ ଯନ୍ତ୍ରୀ କାର୍ତିକେଶ୍ୱର ପ୍ରଧାନ, ପିଡବ୍ଲୁଡି ଯନ୍ତ୍ରୀ ବନୋଜ ସେଠି, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ ଓ ମଳୟ କୁମାର ନାୟକ, ବ୍ଲକ ନିର୍ବାହୀ ଯନ୍ତ୍ରୀ ସିମାଞ୍ଚଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**● ଆର୍ଥିକ ସହାୟତା ଲାଗି ନିବେଦନ**

## ଜିଲ୍ଲାପାଳଙ୍କୁ ଭେଟିଲେ ଦିବ୍ୟାଙ୍ଗ ଯୁବକ

**ଛତ୍ରପୁର,୬ ।୨(ସମିସ):** ମୁଁ ଜଣେ ଦିବ୍ୟାଙ୍ଗ। ବିଏ ପାସ କରିଛି, ମାତ୍ର ମୋ ପାଖରେ ଚାକିରି ନାହିଁ। ପରିବାର ବୋଝ ମୋ ଉପରେ, କେମିତି ଘର ଚଳାଇବି, କିଛି ବ୍ୟବସାୟ କରି ନିଜେ ମୋ ପରିବାର ଚଳାଇବାକୁ ଆଗକୁ ଆସିଛି, ହେଲେ ମୋ ପାଖରେ ଅର୍ଥର ଘୋର ଅଭାବ, ଏଣୁ ମୋ ଗୁହାରୀ ଟିକିଏ ଶୁଣନ୍ତୁ ବାବୁ କହି ସୋମବାର ଗଞ୍ଜାମ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଅନୁରୋଧ କରିଛନ୍ତି। ଛତ୍ରପୁର ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ଦୁଆନପଲ୍ଲୀ ଗ୍ରାମର ଅମର କୁମାର ମଲିକ। ସେ ଗୋଟିଏ ଜନସେବା କେନ୍ଦ୍ର (ସିଏସସି) ଖୋଲିକି ବ୍ୟବସାୟ କରିବା ପାଇଁ ଉକ୍ତ ଅନୁରୋଧପତ୍ରରେ ଉଲ୍ଲେଖ କରିଛନ୍ତି।



## କେବେ ବଦଳିବ ଅଙ୍ଗନବାଡ଼ି କେନ୍ଦ୍ରର ଖାଦ୍ୟ ଯୋଜନା

**ଶେରଗଡ଼,୬ ।୨(ସମିସ):** ପୁରୁନି ପେଟ, ବଢୁଛି ଅସନ୍ତୋଷ। ଅଙ୍ଗନବାଡି କେନ୍ଦ୍ର ଜରିଆରେ ୬ମାସରୁ ୩ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ସମେତ ଗର୍ଭବତୀଙ୍କୁ ଅଣ୍ଡା, ଛତୁଆ ଏବଂ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ଅପପୁଷ୍ଟିରୁ ରକ୍ଷା କରିବା ଲାଗି ଶିଶୁଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ରନ୍ଧା ଖାଦ୍ୟର ବ୍ୟବସ୍ଥା ମଧ୍ୟ କରାଯାଇଛଇ। ହେଲେ ସରକାରଙ୍କ ଏହି ଯୋଜନା ଅଙ୍ଗନବାଡି କର୍ମୀଙ୍କ ପାଇଁ ଏବେ ଚିନ୍ତାର ବିଷୟ ପାଲଟିଛି। କାରଣ, ଅଙ୍ଗନବାଡି କେନ୍ଦ୍ରକୁ ଶୁଖିଲା ଆଉ ରନ୍ଧା ଖାଦ୍ୟ ଲାଗି ଯେଉଁ ଅର୍ଥ ଆସୁଛି ତାହାଠାରୁ ଅଧିକ ଖର୍ଚ୍ଚ ହେଉଛି। ଫଳରେ ଅଙ୍ଗନବାଡି କର୍ମୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ, ଅଙ୍ଗନବାଡି କେନ୍ଦ୍ରକୁ ସରକାର ପକ୍ଷରୁ ପ୍ରତି ଶିଶୁ ପିଛା ଅଣ୍ଡା ୫ଟଙ୍କା, ପରିବା ଡାଲି ପାଇଁ ମାତ୍ର ୬୪ ପଇସା, ଚାଉଳ ଲାଗି ୩୬ ପଇସା ଓ ଜାଳେଣି ବାବଦକୁ ୫୦ ପଇସା ପ୍ରଦାନ କରାଯାଉଛି। ସେହିପରି ଜଳଖିଆ ଲାଗି ପ୍ରତି ଶିଶୁ ପିଛା ୧.୫୦ ଟଙ୍କା ପ୍ରଦାନ କରୁଛନ୍ତି। ଅଣ୍ଡା ଦର ୭ ଟଙ୍କା, ମିଳୁଛି ୫ ଟଙ୍କା ହେଲେ ଏବେ ବଜାର ଦର ଆକାଶ ଛୁଆଁ। ଅଣ୍ଡା ଦର ୭ ଟଙ୍କା ଥିବା ବେଳେ ଡାଲି ଦର କିଲୋ ପିଛା ୧୫୦ ଟଙ୍କା, ତେଲ ଲୁଣ ମସଲା ଦର ଅହେତୁକ ଭାବେ ବଢ଼ିଛି। ସେଥିପାଇଁ ପୁଣି ବିଭିନ୍ନ ପରିବା ଦର ଆକାଶ ଛୁଆଁ ରହିଛି। ଏଥିରେ ମଧ୍ୟାହ୍ନ ଭୋଜନ ପିଲାଙ୍କୁ କିପରି ଦିଆଯିବ ବୋଲି ଅଙ୍ଗନବାଡି କର୍ମୀମାନେ ପ୍ରକାଶ କରିଛନ୍ତି। ସେହିପରି ଜଳଖିଆ ଲାଗି ସରକାର ପ୍ରତି ଶିଶୁ ପିଛା ୧.୫୦ ଟଙ୍କା ଦେଉଛନ୍ତି। ଏଥିରେ ରବିବାର କୁ ଛାଡି ସପ୍ତାହର ଅନ୍ୟ ଛଅ ଦିନ ମଧ୍ୟରୁ ଦୁଇ ଦିନ ଗଜା ମୁଗ, ଦୁଇ ଦିନ ଚୁଡା ମୁଆଁ, ଦୁଇ ଦିନ ବେସନ ଲଡୁ ପିଲାମାନଙ୍କୁ ଦେବା ପାଇଁ ନିୟମ ରହିଛି। ଏତେ ସବୁ ବରାଦ କରିବା କେତେ ଯଥାର୍ଥ ବୋଲି କହିଛନ୍ତି। ଏବେ ଗୋଟିଏ ବେସନ ଲଡୁର ଦାମ ୫ଟଙ୍କା, ଏହାକୁ ତିନି ଭାଗ କଲେ ମଧ୍ୟ ଦେଢ଼ ଟଙ୍କା ହେଉନି। ସରକାର ଅଙ୍ଗନବାଡିଙ୍କୁ ଦେଉଥିବା ୮ଟଙ୍କାରେ ଖାଦ୍ୟ ସହ ଜଳଖିଆ ଏବଂ ଏହାକୁ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ଜାଳେଣିର ଖର୍ଚ୍ଚ ମଧ୍ୟ ରହିଛି। ଏତିକି ଟଙ୍କାରେ କେମିତି ପିଲାଙ୍କ ପେଟ ପୁରିବ ଓ ଅପପୁଷ୍ଟି ଦୂର ହେବ ବୋଲି ଶେରଗଡ ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ ଅଭିଯୋଗ କରିଛନ୍ତି।

## ଜଗମୋହନ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା



**ଧରାକୋଟ,୬ ।୨(ସମିସ):** ଜଗମୋହନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ତରଫରୁ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଲିନା କୁମାରୀ ମହାରଣା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବିଡ଼ିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଏବିଡିଓ ସୁଶିଲ ପଟନାୟକ, ମହନ୍ତ କୃପାସିନ୍ଧୁ ଦାସ ମହାରାଜ, ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଡି, କନ୍ୟା କୁମାରୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କିଶୋରଚନ୍ଦ୍ର ସାହୁ, ନାଏବ ସରପଞ୍ଚ ସନ୍ତୋଷ ବରାଡ ପ୍ରମୁଖ ମଞ୍ଚାସିନ ଥିଲେ। ବିଜେଡି ବ୍ଲକ ସଭାପତି ସଞ୍ଜୟ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ନିର୍ବାହୀ ଅଧିକାରୀ ଅଶୋକ କୁମାର ସେଠୀ ଏହାର ପରିଚାଳନା କରିଥିଲେ। ଯୁବ ନେତା ପ୍ରମୋଦ ମହାରଣା, ଜିଆରଏସ ସେବିତା ରଇତ ଓ ଜେଏସ ଚିତ୍ରସେନ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲକ୍‌ସ୍ତରୀୟ କର୍ମଶାଳା ଓ ସମୀକ୍ଷା

**ରଙ୍ଗେଇଲୁଣ୍ଡା,୬ ।୨(ସମିସ):** ସୋମବାର ୟୁନିସେଫ ପକ୍ଷରୁ ବ୍ଲକସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଅଂଶୁମାନ ମହାପାତ୍ର, ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ ଯୋଗଦେଇଥିଲେ। ୩୨ଟି ପଞ୍ଚାୟତକୁ ଶିଶୁ ଅନୁକୂଳ ପଞ୍ଚାୟତ କରିବା ଭୂମିକା ଉପରେ ଆଲୋଚନା କରାଯିବ ସମୀକ୍ଷା କରାଯାଇଥିଲା। ଗତ ବର୍ଷେ ହେଲା ହୋଇଯାଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ବିଶେଷକରି ଶିଶୁ ମାନଙ୍କର ଅଧିକାରକୁ ସୁନିଶ୍ଚିତ କରିବା, ବିପଦ ଅବସ୍ଥାରେ ଥିବା ସମାଜର ବିଭିନ୍ନ ପରିବାର ଓ ଶିଶୁ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରିବା, ସ୍ଥାନୀୟ ଶାସନ ବ୍ୟବସ୍ଥାରେ ଶିଶୁ ମାନଙ୍କର ଭାଗୀଦାରିତାକୁ ସୁନିଶ୍ଚିତ କରିବା ବିଷୟ ଉପରେ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତ ପଞ୍ଚାୟତକୁ କିଭଳି ଶିଶୁ ଅନୁକୂଳ ପଞ୍ଚୟେତ ଗଢି ପିଲାମାନଙ୍କ ପାଇଁ ଯୋଜନା ଗୁଡିକ ଉପରେ କାର୍ଯ୍ୟ କରିବେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। କର୍ମଶାଳାକୁ ୟୁଥ ଫର ସୋସିଆଲ ଡେଭେଲପମେଣ୍ଟର କାର୍ଯ୍ୟକ୍ରମ ସଂଯୋଜକ ଚନ୍ଦନ କୁମାର ସାହୁ, ପ୍ରକଳ୍ପ ସଂଯୋଜକ ନରେନ୍ଦ୍ର କୁମାର ସାହୁ, ବ୍ଲକ ସଂଯୋଜକ ବିପ୍ଲବ କୁମାର ବେହେରା, ଗୀତାଞ୍ଜାଳୀ ପାଣିଗ୍ରାହୀ, ସୁଦୀପ କୁମାର ଚକ୍ରବର୍ତ୍ତୀ ଏବଂ ମାମାଲି ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ଦେଓମାଳି ପର୍ବତ ଶିଖରେ ତ୍ରିରଙ୍ଗା ଉଡ଼ାଇଲେ ଉଦିତ ବିଶ୍ୱାଳ

**ଗଞ୍ଜାମ,୬ ।୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମ୍ମା ଗ୍ରାମ ଚନ୍ଦ୍ରଶେଖର ସାହିର ସୁକାନ୍ତ ବିଶ୍ୱାଳଙ୍କ ପୁଅ ଉଦିତ ବିଶ୍ୱାଳ ଦେଓମାଳି ପର୍ବତ ଶିଖରରେ ପହଞ୍ଚି ଭାରତୀୟ ଜାତୀୟ ପତାକା ତ୍ରିରଙ୍ଗା ଉଡାଇଥିବା ଜଣାପଡିଛି। ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ୧୬୭୨ ମିଟର ପର୍ବତ ଚଢି ଜଣେ ଯୁବ ପର୍ବତାରୋହୀ ଭାବେ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ଏହି ସାହାସିକତା ସ୍ଥାନୀୟ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି।



## ରକ୍ଷଣାବେକ୍ଷଣ ନା'ରେ ମନଇଚ୍ଛା ବିଦ୍ୟୁତ୍ କାଟ୍

**ଗଞ୍ଜାମ,୬ ।୨(ସମିସ):** ପାତ୍ରପୁର ବ୍ଲକ ଅଞ୍ଚଳରେ ଗତ କିଛି ମାସ ହେବ ବାର୍ଷିକ ରକ୍ଷଣାବେକ୍ଷଣ ନା'ରେ ମନଇଚ୍ଛା ବିଦ୍ୟୁତ କାଟ୍ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ହିତାଧିକାରୀଙ୍କଠାରୁ ବିଦ୍ୟୁତ୍ ଦେୟ ଯେଉଁଭଳି ଆଦାୟ କରାଯାଉଛି ସେହିଭଳି ସେବା ମିଳୁନଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ପ୍ରକାରେ ଚଳିତବର୍ଷ ମାତ୍ର ୫ସପ୍ତାହ ବିତିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪ଦିନ ବିଦ୍ୟୁତ୍ ସେବା ବନ୍ଦ ରହିଥିବା ଦେଖିବାକୁ ମିଳିଛି। ଅନ୍ୟ ଦିନ ମାନଙ୍କରେ ମଧ ଘଣ୍ଟା ଘଣ୍ଟା ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବା ବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପାତ୍ରପୁରଠାରେ କୋର୍ଟ, ବ୍ଲକ, ତହସିଲଠାରୁ ଆରମ୍ଭ କରି ସମସ୍ତ ସରକାରୀ କାର୍ଯ୍ୟାଳୟ ସମେତ ୩ଟି ବ୍ୟାଙ୍କ ରହିଛି। ଆଖପାଖ ଅଞ୍ଚଳର ଲୋକେ ପ୍ରତିଦିନ ଏଠାକୁ ଆସିଥାନ୍ତି। ହେଲେ ବିଦ୍ୟୁତ୍ ସେବା ଠିକ୍ ଭାବେ ମିଳୁନଥିବା ଯୋଗୁଁ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି ଉପରସ୍ଥ ଅଧିକାରୀମାନେ ଧ୍ୟାନ ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ଛୁଟି ଦିନମାନଙ୍କରେ ଏହି ମରାମତି କାର୍ଯ୍ୟ କଲେ ସାଧାରଣ ଲୋକ ମାନେ ବିଶେଷ ପ୍ରଭାବିତ ହେବନାହିଁ ବୋଲି ମତପ୍ରକାଶ ପାଇଛି।

## ହରଗୌରୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ

**ଛତ୍ରପୁର,୬ ।୨(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ଦେବୀଙ୍କ ପୌରୋହିତ୍ୟରେ





ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଏମ୍‌କେସିଜି ସର୍ଜରୀ ବିଭାଗର ପ୍ରଫେସର ଡାକ୍ତର ମନୋଜ କୁମାର ସେଠୀ ଯୋଗଦେଇ ଛାତ୍ରୀମାନେ ଶୃଙ୍ଖଳିତ ଭାବେ ଶିକ୍ଷା ଗ୍ରହଣ କରି ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ପ୍ରତିଷ୍ଠାତା ସଂପାଦକ ତଥା ଅବସରପ୍ରାପ୍ତ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ଯୋଗଦେଇ ଛାତ୍ରୀମାନେ '୫-ଟି' ଉପରେ ବିସ୍ତୃତ ଆଲୋଚନା କରି ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି.ସୁଦାମ, ସମିତିସଭ୍ୟା ମୀନା କୁମାରୀ ସାହୁ, ଶିକ୍ଷାବିତ୍ ଲକ୍ଷ୍ମୀନାରାୟଣ ଶତପଥୀ, କୋରା ମହାରଣା, ପୂର୍ବତନ ସଂପାଦକ ଅଲେଖ ବିଷୋୟୀ, ଓଷ୍ଟାର ଗଞ୍ଜାମ ଜିଲ୍ଲା ସଂପାଦକ ବିଜୟ କୁମାର ବେହେରା, ଅମରେଶ୍ୱର ସାହୁ, କ୍ଷେତ୍ରବାସୀ ସାହୁ, ସନ୍ତୋଷ କୁମାର ପଣ୍ଡା, ପଦ୍ମନାଭ ମହାରଣା ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ପ୍ରଗତି ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା ଦେବୀ ବିବରଣୀ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଜି.ବିଜୟଲକ୍ଷ୍ମୀ, ସାଗରିକା ପାଢୀ, ରଶ୍ମିତା ପଟ୍ଟନାୟକ, ନିରୂପମା ମିଶ୍ର, ପ୍ରଭାସିନୀ ସାହୁ, ଶୁଭ୍ରଚଳା ବକ୍ସି, ନମିତା ଆଚାର୍ଯ୍ୟ, ସୁଧୀର ସେଠୀ, ପଦ୍ମଚରଣ ଦାସ, ବିନୋଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଦ୍ୱିତୀୟ ଦିନରେ ବଡଗଡ ବିଜୟୀ

**ଶେରଗଡ଼,୬ ।୨(ସମିସ):** ଶେରଗଡ ମହାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ରାଜବଂଶ କ୍ରିକେଟ ଟୁର୍ଣାମେଣ୍ଟର ଦ୍ୱିତୀୟ ଦିବସରେ ହିଞ୍ଜିଳିକାଟୁ ଈଗଲ କ୍ରିକେଟ କ୍ଲବ ଓ ବଡଗଡ ପ୍ରିନ୍ସ କ୍ରିକେଟ କ୍ଲବ ମଧ୍ୟରେ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉକ୍ତ ମ୍ୟାଚରେ ବଡଗଡ ଟସ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ହିଞ୍ଜିଳିକାଟୁ ଈଗଲ କ୍ରିକେଟ କ୍ଲବ ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲେ। ଜବାବରେ ବଡଗଡ ପ୍ରିନ୍ସ କ୍ରିକେଟ କ୍ଲବ ୧୬.୫ ଓଭରରେ ୪ ବିକେଟ ହରାଇ ୨୨୦ ରନ ସଂଗ୍ରହ କରି ବିଜୟ ହାସଲ କରିବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। ବଡଗଡ ଦଳର ମଣ୍ଟୁଙ୍କୁ ଶେରଗଡ ଥାନାର ଥାନାଧିକାରୀ ବିରେନ୍ଦ୍ର ସିଅଳ ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରିଥିବା ବେଳେ ଥାନାଧିକାରୀଙ୍କ ସହିତ ଥାନା ଏସଆଇ ସତ୍ୟଜିତ ବେଣିଆ, ଏଏସଆଇ କୃଷ୍ଣଚନ୍ଦ୍ର ଦାସ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚକୁ ରାଜ କିଶୋର ପଣ୍ଡା, ଦେବାଶିଷ ସାହୁ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଅଚ୍ୟୁତ ପାତ୍ର, ଗୌତମ ଭୂୟାଁ ଦାୟିତ୍ୱ ସଂପାଦନ କରିଥିଲେ।



# ଏନ୍‌ଏସି ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଦିଗପହଣ୍ଡି,୬ ।୨(ସମିସ)**





ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ୨୦୨୪ ପରିପ୍ରେକ୍ଷୀରେ ସୋମବାର ଦିଗପହଣ୍ଡି ଏନଏସି ପକ୍ଷରୁ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନଏସିର ବରିଷ୍ଠ କର୍ମଚାରୀ ଶଶୀଭୂଷଣ ଦଉଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷ ପ୍ରଫୁଲ ପଣ୍ଡା ସଭାପତିତ୍ୱ କରିଥିଲେ। ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ବିଶିଷ୍ଟ ସାହିତ୍ୟକ ଐତିହାସିକ ସଂସ୍କୃତି ଗବେଷକ ଡ଼.ଅନନ୍ତରାମ କର ମୁଖ୍ୟବକ୍ତା ଏବଂ ପତ୍ରିକା ସବୁଜପତ୍ରର ସମ୍ପାଦକ ତଥା ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ କୁରେଶୁ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା ସାହିତ୍ୟ ସମ୍ପର୍କରେ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସାମ୍ବାଦିକ ନୀଳମାଧବ ପରମଗୁରୁ, ଅଶେଷ ନାଥ ମିଶ୍ର, ଗୋପାଳକୃଷ୍ଣ ମଲ୍ଲିକ, ରବୀନ୍ଦ୍ର ନାଥ ଡାକୁଆ, ହରପ୍ରସାଦ ରଥ, ସଞ୍ଜୀବ କୁମାର ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ପଦ୍ମଚରଣ ମେକାପଙ୍କ ସଂଯୋଜନାରେ କବି ସୀମାଞ୍ଚଳ ପଣ୍ଡା, ସମ୍ଭବ କୁମାର ତ୍ରିପାଠୀ, ଶିକ୍ଷକ ସଦାଶିବ ପାଢ଼ୀ, ଶିକ୍ଷୟିତ୍ରୀ ଯାଜ୍ଞସେନୀ ରଥ, ବୃନ୍ଦାବନ ପଣ୍ଡା, ପୀତବାସ ତ୍ରିପାଠୀ, ବିଜୟ କୁମାର ପାଢ଼ୀ, ଗଜାନନ ତ୍ରିପାଠୀ, ଗୀତାଞ୍ଜଳୀ ଦେବୀ, କୁରେଶୁ ପଣ୍ଡା, ପଦ୍ମଚରଣ ମେକାପ ସ୍ୱରଚିତ କବିତା ପାଠ କରିଥିଲେ। କବି ଓ କବୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କାଉନସିଲର ନୀଳମାଧବ ଗୌଡ଼, ସୁଶାନ୍ତ କୁମାର ପାତ୍ରଙ୍କ ସମେତ ଏନଏସି କର୍ମଚାରୀ ସତ୍ୟନାରାୟଣ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ୧୬ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ

**ବ୍ରହ୍ମପୁର,୬ ।୨(ସମିସ):** ସ୍ଥାନୀୟ ଲକ୍ଷ୍ମଣ ନାୟକ ସମ୍ମିଳନୀ କକ୍ଷରେ ସଂଯୁକ୍ତ ମୋର୍ଚ୍ଚା, କୃଷକ ସମାଜ, ବିଭିନ୍ନ ଗଣ ସଂଗଠନ ଓ ଶ୍ରମିକ ସଂଗଠନ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ମୋଦି ସରକାର ଶ୍ରମିକ ମାରଣନୀତି, ଶ୍ରମ ଆଇନର ସଂଶୋଧନ, ଶ୍ରମିକ ଛଟେଇ, କୃଷି ଓ କୃଷକଙ୍କ ଅଧିକାରକୁ ସଙ୍କୁଚିତ କରୁଥିବା ଏଠାରେ ଅଭିଯୋଗ ହୋଇଛି। କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ଦେବାରେ ଅବହେଳା, ବହୁଦେଶୀୟ କମ୍ପାନୀକୁ କୃଷି କ୍ଷେତ୍ରରେ ପ୍ରବେଶର ସୁଯୋଗ ଦେବା, ବିଭିନ୍ନ ରାଷ୍ଟ୍ରାୟତ ଉଦ୍ୟୋଗକୁ ବିକ୍ରି କରିବା, ରେଳ, ବ୍ୟାଙ୍କ, ବନ୍ଦର ପ୍ରଭୃତିକୁ ଘରୋଇ ସଂସ୍ଥା ହାତରେ ଟେକିଦେବା ଆଦି ବିଭିନ୍ନ ପ୍ରସଙ୍ଗ ଦାବିରେ ଆସନ୍ତା ୧୬ତାରିଖ ସମଗ୍ର ଭାରତ ବର୍ଷରେ ଦିଆଯାଇଥିବା ଧର୍ମଘଟକୁ ଗଂଜାମ ଜିଲ୍ଲାର ବିଭିନ୍ନ ଗ୍ରାମ, ବ୍ଲକ ଓ ସହରରେ ସଫଳ କରିବାକୁ ଏଠାରେ ଆହ୍ୱାନ ଦିଆଯାଇଛି। ଶ୍ରମିକ ନେତା ପୀତବାସ ପଣ୍ଡା, ପ୍ରଶାନ୍ତ ପାଠଯୋଶୀ, କୈଳାସ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ହରେକୃଷ୍ଣ ରେଡ୍ଡୀ, ଶ୍ରୀହର୍ଷ ରଥ, ଅଳକ ମିଶ୍ର, ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ବିଦ୍ୟାଧର ଜେନା, ପ୍ରଫୁଲ ଜେନା, ଅଜୟ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**ଦାରିଙ୍ଗବାଡ଼ି,୬।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବି.ଆର.ଆମ୍ବେଦକର ଜାତୀୟ ଉଚ୍ଚ ମାଧମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଡା. ପ୍ରତାପ କୁମାର ବେହେରାଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାଲକାନଗିରି ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ମଧୁସୂଦନ ମହାପାତ୍ର, ମୁଖ୍ୟବକ୍ତା ଭାବେ ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ବିଭୁତି ଭୂଷଣ ଆଚାର୍ଯ୍ୟ ଯୋଗଦେଇ ଓଡ଼ିଆ ଭାଷା,ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରି ଭାଷାର ଉନ୍ନତି ଓ ଜଗନ୍ନାଥ ସଂସ୍କୃତିରେ ଓଡ଼ିଆ ଭାଷାର ସମ୍ପର୍କରେ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ । ଅଧାପିକା ସସ୍ମିତା ସାମନ୍ତ, ସ୍ମିତାଞ୍ଜଳି ପଟ୍ଟନାୟକ, ବବ୍ଲିନ ନାୟକ ଓ ଅଧାପକ ବିଷ୍ଣୁ ସାହୁ, ନିମାଇଁ ଚରଣ ପଣ୍ଡା ଉପସ୍ଥିତ ଥିଲେ । ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନପତ୍ର ସହିତ ସିଲ ପ୍ରଦାନ କରିଥିଲେ । ଏହା ପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଦ୍ୟୁତ୍ ସ୍ପର୍ଶରେ ବୃଦ୍ଧା ମୃତ

**ଜି.ଉଦୟଗିରି,୬।୨(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଥାନା ଅନ୍ତର୍ଗତ ଡକେଡି ଦେରିନାଜୁ ଗ୍ରାମରେ ୧୧ କେଭି ଲାଇନ ବିଦ୍ୟୁତ ସ୍ପର୍ଶରେ ଆସିବାରୁ ନିର୍ମଳା ନାୟକ(୬୨) ନାମକ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ବୃଦ୍ଧା ଜଣକ ମଙ୍ଗଳବାର ସକାଳ ୭ ଟା ବେଳେ ଗ୍ରାମ ପାଖ ଏକ ଗଛରୁ ଛେଳି ପାଇଁ ଡାଳ ହାଣୁଥିବା ବେଳେ ପାଖରେ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଗଛରେ ହିଁ ସେ ଝୁଲି ପଡ଼ିଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରି ଜି.ଉଦୟଗିରି ଡାକ୍ତରଖାନାକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଜି.ଉଦୟଗିରି ପୁଲିସ ଅପମୃତ୍ୟ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମହିଳାଙ୍କ ମୃତଦେହ ଉଦ୍ଧାର

**କାଶୀନଗର,୬।୨(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନା ଅନ୍ତର୍ଗତ ଏଫସିଆଇ ଗୋଦାମ ନିକଟସ୍ଥ କାଜୁ ତୋଟାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ମହିଳା ଜଣକ ହେଲେ ଆନ୍ଧ୍ରର ବଳଦା ଗ୍ରାମର ଜେ ରାମା ରାଓଙ୍କ ପତ୍ନୀ ଜେ.ଉଷା ରାଣୀ ବୋଲି ଜଣାପଡିଛି। ମୃତ ମହିଳାଙ୍କ ଦୁଇଟି ଝିଅ ଥିବାବେଳେ ବଳଦା ଗ୍ରାମ ସ୍ୱେଚ୍ଛାସେବୀ ଭାବେ କାମ କରୁଥିବା ସ୍ଥାନୀୟ ଲୋକ ସୂଚନା ଦେଇଛନ୍ତି। ସେ ମଙ୍ଗଳବାର ଅପରାହ୍ନରେ ଘରରୁ ବାହାରକୁ ଯାଇଥିବା ନେଇ ପରିବାର ସୂତ୍ରରୁ ପ୍ରକାଶ। ଅପରାହ୍ନରେ ଏଫସିଆଇ ଗୋଦାମ ନିକଟସ୍ଥ ଅଞ୍ଚଳବାସୀ ମୃତଦେହ ପଡ଼ିଥିବା ଦେଖି କାଶୀନଗର ପୁଲିସକୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ଏସଡିପିଓ ମାଧବାନନ୍ଦ ନାୟକ ଓ କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ବୁଧବାର ସକାଳ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିବ ବୋଲି ଏସଡିପିଓ ନାୟକ କହିଛନ୍ତି । ମହିଳାଙ୍କୁ କେହି ଜଣେ ହତ୍ୟା କରିଥିବା ନେଇ ସନ୍ଦେହ କରୁଛନ୍ତି ପରିବାର ବର୍ଗ।

# ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ କର୍ମୀ




**ତୁମୁଡିବନ୍ଧ,୬।୨(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଝିରିପାଣି ପଞ୍ଚାୟତରେ ମଙ୍ଗଳବାର ନୂତନ ଭାବେ ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦଘାଟନ ହେଇଛି । ତୁମୁଡିବନ୍ଧ ବ୍ଲକ ବିଜେଡି ସଭାପତି ତଥା ସାଂସଦ ପ୍ରତିନିଧି ପ୍ରମୋଦ କୁମାର ସାହୁ ଏହାର ଶୁଭ ଉଦଘାଟନ କରିଥିଲେ। ଝିରିପାଣି ପଞ୍ଚାୟତ ବିଜେଡି ସଭାପତି କିଶୋର ପାତ୍ର ଏବଂ ସମିତିସଭ୍ୟ ଡଗର ପାତ୍ରଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଆଦିବାସୀ ବାଦ୍ୟ ଯନ୍ତ୍ର ସହିତ କୁଟିଆ କନ୍ଧ ନୃତ୍ୟ ପରିବେଷଣ କରି ଝିରିପାଣି ମୁଖ୍ୟ ବିଜୁ ସେତୁ ପରିସରରୁ ଅତିଥିଙ୍କୁ ସ୍ୱାଗତ କରି ଆଣିଥିଲେ। କାର୍ଯ୍ୟାଳୟ ଉଦଘାଟନ ପରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ବ୍ଲକ ସଭାପତି ଶ୍ରୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ବ୍ଲକ ଅଧକ୍ଷା ବାସନ୍ତୀ ମାଝୀ, ଆମ ଓଡ଼ିଶା ନବୀନ ଓଡ଼ିଶା ସଂଯୋଜକ ରାଜୀବ ପାତ୍ର, ଯୁବ ସଭାପତି ରାମଚନ୍ଦ୍ର ଚାନ୍ଦ, ଯୁବ ନେତା ବୈକୁଣ୍ଠ ପରାସେଟ ଓ ଝିରିପାଣ ପଞ୍ଚାୟତ ପ୍ରଭାରୀ ସଞ୍ଜୟ ପଣ୍ଡାଙ୍କ ଉପସ୍ଥିତରେ ଶତାଧିକ କର୍ମୀ କଂଗ୍ରେସ ଛାଡି ବିଜେଡିରେ ସାମିଲ ହେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନ ରେ ଅନୁପ୍ରାଣିତ ହେଇ ଝିରିପାଣି ପଞ୍ଚାୟତରେ ହେଉଥିବା ବିକାଶ ଧାରାରେ ସାମିଲ ହେବାକୁ ବିଜେଡିରେ ସାମିଲ ହେଇଥିବା କାଉଁଗୁଡା ଗ୍ରାମର ଅଜୟ ନାୟକ କହିଛନ୍ତ

## ଦୁର୍ଗମ ଅଞ୍ଚଳରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




**ତୁମୁଡିବନ୍ଧ,୬।୨(ସମିସ):** ବାଲିଗୁଡା ନିର୍ବାଚନମଣ୍ଡଳୀ ତୁମୁଡିବନ୍ଧ ବ୍ଲକ ଝିରିପାଣି ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ତୁମୁଡିବନ୍ଧ ବ୍ଲକର ୧୧ ପଞ୍ଚାୟତରେ ତୁମୁଡିବନ୍ଧ ବ୍ଲକ ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ପଞ୍ଚାୟତ ସଭାପତିଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲିଛି। ଏଥିରେ ବିଜେଡି କର୍ମୀ ତୃଣମୂଳ ସ୍ତରରେ ଭୋଟରଙ୍କ ପାଖକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସ୍ତ ଲୋକାଭିମୁଖୀ ଓ ଜନମଙ୍ଗଳ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି। ମଙ୍ଗଳବାର ତୁମୁଡିବନ୍ଧ ବ୍ଲକ ବିଜୁ ଜନତା ଦଳ ସଭାପତି ପପ୍ରମୋଦ ସାହୁଙ୍କ ନେତୃତ୍ୱରେ ଝିରିପାଣି ଅଞ୍ଚଳର ୧୦ ଗ୍ରାମରେ ଯାଇ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ତୁମୁଡିବନ୍ଧବ୍ଲକ ଅଧକ୍ଷା ବାସନ୍ତୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ଯୁବ ସଭାପତି ରାମଚନ୍ଦ୍ର ଚାନ୍ଦ, ଯୁବ ନେତା ବୈକୁଣ୍ଠ ପରାସେଟ, ବରିଷ୍ଠ କର୍ମୀ ବାଳକୃଷ୍ଣ ଚର୍ଚ୍ଚି, ଝିରିପାଣି ପଞ୍ଚାୟତ ପ୍ରଭାରୀ ସଞ୍ଜୟ ପଣ୍ଡା, ପୂର୍ବତନ ଛାତ୍ର ସଭାପତି ଧର୍ମପଦ ନାୟକଙ୍କ ସମେତ ସମସ୍ତ ମହିଳା, ଯୁବ ଓ ଛାତ୍ର ଜନତା ଦଳର କର୍ମୀ ସାମିଲ ହୋଇଥିଲେ।

## ଜନଜାତି ସଂସ୍କୃତି ପ୍ରଗତି ଓଡ଼ିଶା ସାଥୀ କାର୍ଯ୍ୟକ୍ରମ



**ଦାରିଙ୍ଗବାଡ଼ି,୬।୨(ସମିସ):** ଜନଜାତି ସଂସ୍କୃତି ପ୍ରଗତି ସଶକ୍ତି ଓଡିଶା ସାଥି ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମିତି ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ଗଦାଧର ପାତ୍ର , ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟା ରଞ୍ଜିତା ପ୍ରଧାନ, ସରପଞ୍ଚ ଚନ୍ଦ୍ରିକା ମଲିକ, କୁଇ କୁଳ ସମିତି ସମ୍ପାଦକ ସୁକଦେବ ପ୍ରଧାନ, ଆଇଟିଡ଼ିଏ ବାଲିଗୁଡ଼ାର ପ୍ରୋଜେକ୍ଟ ମ୍ୟାନେଜର ସମିରନ ନାୟକ ପ୍ରମୁଖ ମଞ୍ଚସୀନ ରହି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଏବଂ ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ପାଇଁ କରୁଥିବା ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ଆଦିବାସୀ କିପରି ସରକାରଙ୍କ ଆଦିବାସୀ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିଜ ନିଜ ପ୍ରତିଭାର ବିକାଶ କରିବେ ତାହା ଉପରେ ମତବ୍ୟକ୍ତି କରିଥିଲେ।

ଏହି ଅବସରରେ ବିଭିନ୍ନ ପଞ୍ଚାୟତର ନୃତ୍ୟ, ଗୀତ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଖାଇଥିବା ପ୍ରତିଭାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜାର୍ଗୀସରୁ କୁଇକଳା ପରିଷଦ ଦାରିଙ୍ଗବାଡ଼ି, ସାମାଜାଡ଼ା କୁଇ ଲୋକ ନୃତ୍ୟ ବାଞ୍ଜାମାହା, ସହିଦ ଲକ୍ଷଣ ନାୟକ କ୍ଲବ କଟାବାଡ଼ି ଏବଂ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଦାରିଙ୍ଗବାଡ଼ିର ନୃତ୍ୟଦଳ ସେମାନଙ୍କର ପାରମ୍ପାରିକ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ବିଏସଏସଓ କ୍ଷେତିସ ପ୍ରିୟଦର୍ଶୀ ସାହୁ ପରିଚାଳନା କରିଥିବା ବେଳେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ପୁଲିସ୍ କର୍ତ୍ତବ୍ୟ ସମ୍ମିଳନୀ

## କନ୍ଧମାଳ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ



**ଫୁଲବାଣୀ, ୬।୨ (ସମିସ):** ୬୮ତମ ରାଜ୍ୟସ୍ତରୀୟ ପୁଲିସ୍ କର୍ତ୍ତବ୍ୟ ସମ୍ମିଳନୀ ଅବସରରେ କନ୍ଧମାଳ ଜିଲା ପୁଲିସ୍ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ ହୋଇଛି । ରାଜ୍ୟ ଗୃହମନ୍ତ୍ରୀ ଏବଂ ପୁଲିସ୍ ମହାନିର୍ଦ୍ଦେଶକ ଓ ଅନ୍ୟମାନେ ଏଥିରେ ଅତିଥିଭାବେ ଯୋଗଦେଇ ପୁରସ୍କୃତ କରିଥିବା ବେଳେ କନ୍ଧମାଳ ଜିଲା ରାଜ୍ୟସ୍ତରରେ ବମ୍ ଡ଼ିସପୋଜାଲ୍ ଟିମ୍ ଏବଂ ଡ଼ଗ୍ ସ୍କାଡର୍ ଟିମ୍ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହେବା ସହିତ କନ୍ଧମାଳ ସାଇଣ୍ଟିଫିକ୍ ଟିମ୍ ମଧ ରାଜ୍ୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏହି ଅବସରରେ କନ୍ଧମାଳ ଜିଲା ପୁଲିସ୍ ପକ୍ଷରୁ ସମସ୍ତ ଦଳର ମୁଖ୍ୟ ଓ ସଦସ୍ୟ ମାନଙ୍କୁ ଏହି ଅବସରରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏନେଇ କନ୍ଧମାଳ ଏସ୍.ପି ଟୁଇଟ୍ ମାଧମରେ ଦର୍ଶାଇଛନ୍ତି ।

## ଫାଇଲେରିଆ ମୁକ୍ତ କନ୍ଧମାଳ ପାଇଁ ସମନ୍ୱୟ କମିଟି ବୈଠକ



**ଫୁଲବାଣୀ,୬।୨(ସମିସ):** ଫାଇଲେରିଆ ମୁକ୍ତ କନ୍ଧମାଳ ପାଇଁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ଙ୍କ ଅଧକ୍ଷତାରେ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଦ୍ୱିତୀୟ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନାରୁ ଜଣାପଡ଼ିଛିଯେ, ଫାଇଲେରିଆ (ବାତଜ୍ୱର) ଏକ ମଶାବାହିତ ମାରାତ୍ମକ ରୋଗ । ଏହି ରୋଗ ଏକ କ୍ଷୁଦ୍ର ପରଜୀବୀ କୀଟାଣୁ ସଂକ୍ରମଣ ଯୋଗୁଁ ହୋଇଥାଏ । ମାଇ କ୍ୟୁଲେକ୍ସ ମଶା କାମୁଡ଼ିବା ଦ୍ୱାରା କୀଟାଣୁ ଜଣଙ୍କ ଦେହରୁ ଅନ୍ୟ ଜଣଙ୍କୁ ସଂକ୍ରମଣ ହୋଇଥାଏ । ଫାଇଲେରିଆ ହେଲେ, ଗୋଡ଼ ହାତ ଫୁଲିଯାଏ, ପୁରୁଷ ଲୋକଙ୍କ ଅଣ୍ଡକୋଷ ଫୁଲେ ଏବଂ ସ୍ତ୍ରୀ ଲୋକଙ୍କ ସ୍ତନ ଫୁଲି ଯନ୍ତ୍ରଣା ହୁଏ । ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲାର କେତେକ ଗ୍ରାମରେ ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା । କନ୍ଧମାଳ ଜିଲ୍ଲାରେ ଫାଇଲେରିଆ ରୋଗର ସଂକ୍ରମଣ ଅଛି ବୋଲି ଜଣାପଡ଼ିଛି । ସେଥିପାଇଁ ଜିଲ୍ଲାରୁ ଏହି ରୋଗର ନିରାକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ୟକ୍ତି ଡି.ଇ.ସି. ଓ ଆଲ୍‌ବେଣ୍ଡାଜୋଲ ବଟିକା ସେବନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । କେବଳ ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା, ଅତିଶୟ ରୁଗ୍‌ଣ ବ୍ୟକ୍ତି ବା ବହୁଦିନ ଧରି ରୋଗରେ ପିଡ଼ିତ ଥିବା ବ୍ୟକ୍ତି ବିଶେଷଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିବେ । ପେଟପୁରା ଖାଦ୍ୟ ଖାଇବା ପରେ ଡି.ଇ.ସି. ଓ ଆଲ୍‌ବେଣ୍ଡାଜୋଲ ବଟିକା ଖାଇବେ ଏବଂ ବଟିକା ସେବନ ପରେ କିଛି ସମୟ ବିଶ୍ରାମ ନେବାପାଇଁ କୁହାଯାଇଛି । ଯେଉଁମାନଙ୍କ ଶରୀରରେ ଅଧିକ ପରିମାଣର ବାତଜ୍ୱର କୀଟାଣୁ ଥାଆନ୍ତି କେବଳ ସେହିମାନଙ୍କ ଠାରେ କେତେକ ସାଧାରଣ ପାଶ୍ୱ ପ୍ରତିକ୍ରିୟା ଦେଖାଯାଇପାରେ । ବାତଜ୍ୱର କୀଟାଣୁ ମରିବା ଦ୍ୱାରା ଏଭଳି ପାଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ । ବାତଜ୍ୱରର କୌଣସି ଲକ୍ଷଣ ଦେଖା ନଗଲେ ମଧ ଶରୀରରେ ବାତଜ୍ୱରର ପରଜୀବୀ କୀଟାଣୁ ଥାଇପାରେ । ଗୋଡ଼ ହାତ ଫୁଲିବାର ୮ ରୁ ୧୦ ବର୍ଷ ପୂର୍ବରୁ ଫାଇଲେରିଆ ରୋଗ ସଂକ୍ରମଣ ହୋଇଥାଏ ବୋଲି ଜଣାପଡ଼ିଛି । ଥରେ ଗୋଦର ହୋଇଗଲେ, ଏହାର ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ କୌଣସି ଚିକିତ୍ସା ନାହିଁ ବୋଲି ଜଣାପଡ଼ିଛି । ଡି.ଇ.ସି. ଓ ଆଲ୍‌ବେଣ୍ଡାଜୋଲ ବଟିକା ସେବନ କରିବା ସମ୍ପୂର୍ଣ୍ଣ ନିରାପଦ । ଫେବୃଆରୀ ୧୦ ତାରିଖରୁ ୧୯ ତାରିଖ ମଧରେ ହେବାକୁ ଥିବା ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇ କନ୍ଧମାଳ ଜିଲ୍ଲାକୁ ଫାଇଲେରିଆ ମୁକ୍ତ ଜିଲ୍ଲାରେ ପରିଣତ କରିବାକୁ କନ୍ଧମାଳ ଜିଲ୍ଲାପାଳ ଶ୍ରୀ ପାଟିଲ୍ ଜିଲ୍ଲାବାସୀଙ୍କ ଅନୁରୋଧ କରିଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ମନୋଜ କୁମାର ଉପାଧ୍ୟାୟ ଜିଲ୍ଲାରେ ଫାଇଲେରିଆ ରୋଗର ସ୍ଥିତି ଓ ନିରାକରଣ ପାଇଁ ନେବାକୁ ଥିବା ପଦକ୍ଷେପ ଉପରେ ଆଲୋଚନା କରିଥିବାବେଳେ, ଭେକ୍ଟର ବାହିତ ରୋଗ ପରାମର୍ଶଦାତା କୁମୁଦ ଚନ୍ଦ୍ର ସାହୁ ପାୱାର ପଏଣ୍ଟରେ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ ।

ଉକ୍ତ ଦ୍ୱିତୀୟ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟି ବୈଠକରେ ଡା.ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସମେତ ସଂପୃକ୍ତ ବିଭାଗୀୟ ସରକାରୀ ପଦାଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜାଗୃତିର ମୁଖ୍ୟ, ରେଡିଓ ମୁସ୍କାନ, ରେଡିଓ ସ୍ୱାତୀ ସଭାପତି, ରୋଟାରୀ କ୍ଲବ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ




**ଚକାପାଦ,୬।୨(ସମିସ):** ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ପରିସରରେ ଏକ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଡ଼ଃ ସନ୍ତୋଷ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ନାଏବ ସରପଞ୍ଚ ତରସିଲା ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜାନକୀ ପ୍ରଧାନ, ପୂର୍ବତନ ବ୍ୟାଙ୍କ ପରିଚାଳକ ଅନିରୁଦ୍ଧ ପ୍ରଧାନ, ସାମ୍ବାଦିକ ବାଳକୃଷ୍ଣ କହଁର ଯୋଗ ଦେଇଥିଲେ। ଓଡ଼ିଆ ଭାଷାରେ ପ୍ରାଞ୍ଜଳ ଭାବରେ କଥା ବାର୍ତ୍ତା ହେବା ପାଇଁ ସଚେତନ କରାଯାଇଥିଲା। ଖେଳ ଶିକ୍ଷକ ଶ୍ୟାମ ସୁନ୍ଦର ଶାହା ପରିଚୟ ପ୍ରଦାନ କରିଥିବା ବେଳେ ସୁନୀଲ ରଣା ଧନ୍ୟବାଦ ଅର୍ପଣ କରିଥିଲେ

## କିଶୋରୀ ଆତ୍ମରକ୍ଷା କୌଶଳ ତାଲିମ ଶିବିର




**ଗୁମ୍ମା,୬।୨(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ବ୍ଲକ ପରିସରରେ କିଶୋରୀ ଆତ୍ମ ସୁରକ୍ଷା କୌଶଳ ବିକାଶ ନିମନ୍ତେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ବିଡ଼ିଓ ଶରତ କୁମାର ପାତ୍ର, ଏସଡ଼ିସି ଅଧକ୍ଷା ମରୀୟମ ରଇତ, ବି.ଆର.ସି ଓ ସିଡିପିଓ ପୁଷ୍ପାଞ୍ଜଳି ପଣ୍ଡା ଯୋଗ ଦେଇଥିଲେ। ଶିବିରରେ ମହିଳା ଓ କିଶୋରୀ ବାଳିକାଙ୍କୁ ଆତ୍ମସୁରକ୍ଷା ତାଲିମ, ବାଲ୍ୟ ବିବାହ ପ୍ରଥା, ନାରୀ ନିର୍ଯାତନା, ବଳାତ୍କାର, ମହିଳା ସଂରକ୍ଷଣ ଓ ବିଭିନ୍ନ ବୃତ୍ତି ସମ୍ବର୍ଦ୍ଧିତ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ବିତର୍କ, ନୃତ୍ୟ, ଚିତ୍ରକଳା ପ୍ରଦର୍ଶନୀ କରାଯିବା ସହ ମହିଳା ମାନଙ୍କ ସ୍ୱାବଲମ୍ବୀ ବିଷୟରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସୁପରବାଇଜର, ଅଙ୍ଗନବାଡି କର୍ମଚାରୀ ଓ ସ୍ଥାନୀୟ ମହିଳା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗୁମ୍ମା ମହିଳା ଶିଶୁ ବିକାଶ ବିଭାଗ ଅଧିକାରୀ ପରିଚାଳନା କରିଥିଲେ।

# କୃଷକ ପରାମର୍ଶ କେନ୍ଦ୍ର ଏବେ ଭୂତକୋଠି

### ନିର୍ମାଣକୁ ୪ ବର୍ଷ ବିତିଲା, ହେଉନି କାର୍ଯ୍ୟକ୍ଷମ




**ଜି.ଉଦୟଗିରି,୬।୨(ସମିସ):** କୃଷକ କିପରି ସହଜରେ ସମସ୍ତ କୃଷି ସମ୍ବନ୍ଧୀୟ ସୂଚନା ଏବଂ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇପାରିବେ ତାହାକୁ ଦୃଷ୍ଟିରେ ରଖି ପ୍ରତି ପଞ୍ଚାୟତରେ କୃଷକ ପରାମର୍ଶ କେନ୍ଦ୍ର ଖୋଲାଯାଉଛି। କୃଷକଙ୍କୁ ଦୈନନ୍ଦିନ କୃଷି ପରାମର୍ଶ, ନୂତନ ଚାଷ ପଦ୍ଧତି, ଉନ୍ନତ ପ୍ରଣାଳୀ ଚାଷ, ଯନ୍ତ୍ରପାତି, ପ୍ରାକୃତିକ ଦୈବୀପାକରୁ ରକ୍ଷା ପାଇବା ପାଇଁ ସୂଚନା, ବଜାର ବ୍ୟବସ୍ଥା, ବଜାର ମୂଲ୍ୟ, ନୂତନ ଜ୍ଞାନକୌଶଳ ପ୍ରଦାନ କରିବା ଏହି କେନ୍ଦ୍ର ସ୍ଥାପନର ଲକ୍ଷ୍ୟ ମଧ ରହିଛି। କିନ୍ତୁ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତରେ ଥିବା କୃଷକ ପରାମର୍ଶ କେନ୍ଦ୍ର ନିର୍ମାଣର ଚାରିବର୍ଷ ବିତିବା ସତ୍ତ୍ୱେ କାର୍ଯ୍ୟକ୍ଷମ ହୋଇପାରୁନି।

୨୦୧୯-୨୦ ବର୍ଷରେ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ଦିନକ ପାଇଁ ମଧ କେନ୍ଦ୍ର ଖୋଲିନାହିଁ। ଲଟାବୁଦା ମାଡିଯାଇଥିବାରୁ ଏହା ଏବେ ଭୂତକୋଠିର ଭ୍ରମ ସୃଷ୍ଟି କରୁଛି। ଏତେ ଟଙ୍କା ଖର୍ଚ୍ଚ କରି ସରକାର କେନ୍ଦ୍ର ନିର୍ମାଣ କରିଥିବା ବେଳେ ତାହା କାର୍ଯ୍ୟକାରୀ ନହେବା କ୍ଷୋଭର ବିଷୟ ବୋଲି ଅଂଚଳ ବାସୀ କହିଛନ୍ତି। କନ୍ଧମାଳ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଏହି ଭଳି ପରାମର୍ଶ କେନ୍ଦ୍ରର ଗୁରୁତ୍ୱ ରହିଥିବା ବେଳେ ଏହା ଦୀର୍ଘ ବର୍ଷ ହେଲା ନ ଖୋଲିବା ପରିତାପର ବିଷୟ ବୋଲି କୁହାଯାଉଛି। କେଉଁ କାରଣରୁ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରୁନାହିଁ ସେ ସମ୍ପର୍କରେ କାହା ପାଖରେ ଉତ୍ତର ନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାକୁ କାର୍ଯ୍ୟକ୍ଷମ କଲେ ଅଞ୍ଚଳର ଚାଷୀଭାଇ ଉପକୃତ ହୋଇପାରିବା ସମ୍ଭାବନା ରହିଛି।

● କନ୍ଧମାଳ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘ ନିର୍ବାଚନ

# ସନ୍ତୋଷ ସଭାପତି, ଶରତ ସାଧାରଣ ସମ୍ପାଦକ

**ଫୁଲବାଣୀ, ୬।୨(ସମିସ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ୍ ଅନୁବନ୍ଧିତ କନ୍ଧମାଳ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘର ସାମ୍ବିଧାନିକ ସମ୍ମିଳନୀ ଓ ତ୍ରିବାର୍ଷିକ ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପୂର୍ବତନ ଜିଲ୍ଲା ସଭାପତି କିଶୋର କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ବୈଠକରେ ଜିଲ୍ଲାର ପୂର୍ବତନ ସାଧାରଣ ସମ୍ପାଦକ ବରିଷ୍ଠ ଶିକ୍ଷକ ସମରେନ୍ଦ୍ର ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରାଜ୍ୟ



ମହାସଚିବ ଚାରୁଲତା ମହାପାତ୍ର, ବରିଷ୍ଠ ଉପଦେଷ୍ଟା ସଙ୍ଗୀତା ଦାଶ, ଶିକ୍ଷକ ନେତ୍ରୀ ସୁକାନ୍ତୀ ସବୁତ ଓ ରାଜ୍ୟ ସଂଯୋଜକ ଜ୍ୟୋତି ରଞ୍ଜନ ଦାଶ ଯୋଗ ଦେଇଥିଲେ। ଅନୁଷ୍ଠିତ ନିର୍ବାଚନରେ ସଭାପତି ଭାବେ ସନ୍ତୋଷ କୁମାର ଦିଗାଲ, ଉପସଭାପତି ଭାବେ ଦ୍ୱୀତିକୃଷ୍ଣ ମାଝି ଓ ବିରାଜିନୀ ମହାପାତ୍ର, ସାଧାରଣ ସମ୍ପାଦକ ଭାବେ ଶରତ ମାଝି, ସହ ସମ୍ପାଦକ ଭାବେ ଗୋକୁଳ ନାୟକ ଓ କୌଶିକ ନାୟକ, କୋଷାଧ୍ୟକ୍ଷ ଭାବେ ବଂଶୀଧର ନନ୍ଦ, ଜିଲ୍ଲା ସଂଯୋଜିକା ଭାବେ ନୀଳିମା ମଲ୍ଲିକ ସହମତି କ୍ରମେ ନିର୍ବାଚିତ ହୋଇଥିଲେ। ପ୍ରଥମ ଥର ପାଇଁ ଜିଲ୍ଲାର ସବୁ ବ୍ଲକକୁ ରାଜ୍ୟ ନେତୃତ୍ୱ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ନୂତନ ସଂଗଠନ ଜିଲ୍ଲାର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସାମୂହିକ ଦାବି ଓ ସମସ୍ୟାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବ ବୋଲି ରାଜ୍ୟ ଆଞ୍ଚଳିକ ସମ୍ପାଦକ ବିଦେଶୀ ନାୟକ ଆଶା ପ୍ରକାଶ କରିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶେଷରେ ସନ୍ତୋଷ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକ୍ତନ ସାଂସଦଙ୍କ ସ୍ମୃତିସଭା

**କବିସୂର୍ଯ୍ୟନଗର,୬।୨(ସମିସ):** କବିସୂର୍ଯ୍ୟନଗର ପଥରା ବାସଭବନ ଠାରେ ପରିବାର ପକ୍ଷରୁ ପ୍ରାକ୍ତନ ଆସିକା ସାଂସଦ ସ୍ୱର୍ଗତ ଲଡୁକିଶୋର ସ୍ୱାଇଁଙ୍କ ପଞ୍ଚମ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଦିବ୍ୟାଙ୍ଗଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଭଜନ ସନ୍ଧ୍ୟା। ସଭାରେ ପ୍ରାକ୍ତନ ଜିଲ୍ଲା ପରିଷଦ



ଅଧ୍ୟକ୍ଷ ସୁରଥ ପ୍ରଧାନ ସଭାପତିତ୍ୱ କରିଥିଲେ। କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଗଞ୍ଜାମ ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଜେଡି ଯୁବ ନେତା ସୀତାରାମ ପାଣିଗ୍ରାହୀ, ହରପ୍ରସାଦ ସାହୁ ଓ ପ୍ରମୋଦ ପଣ୍ଡା, ଓଡ଼ିଶା ଛାତ୍ର ବିଜେଡି ସଭାପତି ଜ୍ୟୋତିରଞ୍ଜନ ସାହୁ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ମନୋଜ କୁମାର ଦୋରା, ଗଞ୍ଜାମ ଯୁବ ଛାତ୍ର ବିଜେଡି ସମ୍ପାଦକ ଅଜିତ ପଣ୍ଡା, ଆସିକା ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ଆସିକା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ପରିଡ଼ା, ଗଞ୍ଜାମ ବିଜେଡି ଉପସଭାପତି ଜଗନ୍ନାଥ ସାବତ, ଆସିକା ଚିନିକଳ ପରିଚାଳକ ଗାୟତ୍ରୀ ଦଣ୍ଡ ନାୟକ ଓ ସଭାପତି ରବୀନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଜିଲ୍ଲା ପରିଷଦ ଅନିତା ପରିଡ଼ା, ବଳରାମ ପ୍ରଧାନ ଓ ସଙ୍ଗୀତା ସ୍ୱାଇଁ, ଆସିକା ଏନଏସି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବହୁ ତୁଙ୍ଗ ନେତା, ଜନପ୍ରତିନିଧି, ଶିକ୍ଷାବିତ, କବି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତଚାରଣ କରିଥିଲେ। ପରିବାର ପକ୍ଷରୁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜିଲ୍ଲା ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଜ୍ୟୋର୍ତିମୟୀ ସ୍ୱାଇଁ ଓ ଯୁବନେତା ଅଶ୍ୱିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଅତିଥି ସତ୍କାର କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ସାନଖେମୁଣ୍ଡି, ୬।୨(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପଟିଗୁଡ଼ା ପଞ୍ଚାୟତ ପଟିଗୁଡା ଗ୍ରାମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେରେ ପଟିଗୁଡା ସରପଞ୍ଚ ସୀମାଞ୍ଚଳ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି 'ଆମ ଓଡ଼ିଶା ନବୀନ ଓଡ଼ିଶା' ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମ ପ୍ରସାଦ ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ବେହେରା, ବ୍ଲକ ପ୍ରକଳ୍ପ ସଂଯୋଜକ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଷୀଠୁ ଆରମ୍ଭ କରି ଅଙ୍ଗନବାଡ଼ି, ଆଶାକର୍ମୀ, ସମାଜସେବୀ, ଏମ୍‌ବିକେ, ସିଆରପି ଓ ଗ୍ରାମବାସୀଙ୍କ ସମେତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ



**ଖଲ୍ଲିକୋଟ, ୬।୨(ସମିସ):** ସ୍ଥାନୀୟ କନକ ମଞ୍ଜରୀ କଲ୍ୟାଣମଣ୍ଡପରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଦିବସରେ ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ବିଶିଷ୍ଟ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ରଥ, ବିଶିଷ୍ଟ ଚିତ୍ରଶିଳ୍ପୀ ବସନ୍ତ କୁମାରୀ ସାମନ୍ତ, ଅବସରପ୍ରାପ୍ତ ଶିକ୍ଷକ ଉମେଶ ମିଶ୍ର, କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ ଓ ସୁଜାତା କୁମାରୀ ସାମନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭରସା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ ପ୍ରଭା ଦାଶ, ମଥୁରା ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରସାନ୍ତମୟୀ ରଥ, ଡିମିରିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦ୍ୱାରିକାନାଥ ମହାରଣା, ସୁବଳୟ କଲେଜର ଅଧ୍ୟାପିକା ଜ୍ୟୋସ୍ନାରାଣୀ ପ୍ରଧାନ, ଶିକ୍ଷୟିତ୍ରୀ ସରୋଜବାଲା ପଟ୍ଟନାୟକ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଖଲ୍ଲିକୋଟ ବସ୍‌ଷ୍ଟାଣ୍ଡରେ ସ୍ଥାପିତ ହୋଇଥିବା ମାଗୁଣିର ଶଗଡ଼ ପ୍ରତିକୃତି ପଛରେ ରହିଥିବା ନିବୃତ୍ତ ଦରଦ ଭରା କାହାଣୀ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରଶାନ୍ତମୟୀ ରଥ ମାଆ, ମାଟି, ମାତୃଭାଷା ଓ ଶିକ୍ଷୟିତ୍ରୀ ସରୋଜବାଲା ପଟ୍ଟନାୟକ ଆମ ଖଲ୍ଲିକୋଟ ସହର ଶୀର୍ଷକ କବିତା ପାଠ କରିଥିଲେ। କୁନି କୁନି ପିଲାମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବିଭିନ୍ନ ସ୍କୁଲ ଓ କଲେଜରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ।

**ଜି.ଉଦୟଗିରି:** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଏନଏସି ତରଫରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ତିନି ଦିନ ଧରି



ଚାଲିଥିବା ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଛି। ଏନଏସି ଅଧ୍ୟକ୍ଷା ଦେବସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘଙ୍କ ସହିତ କାଉନସିଲର ମଞ୍ଚାସୀନ ଥିଲେ। ମୁକ୍ତା ସଂଯୋଜକ ପ୍ରଭାତ ରଞ୍ଜନ ସାହୁ ପରିଚାଳନା କରିଥିଲେ। ଜି. ଉଦୟଗିରି ଏନଏସି ତରଫରୁ ଅସ୍ମୀତା ରଥ ସହର ପରିକ୍ରମା କରିବା ସହିତ ଉଦ୍‌ଯାପନୀ ଦିବସରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ତଥା ସାହିତ୍ୟିକ ସୁଧିର କୁମାର ସାହୁ, ଗୋଲକ ପଟ୍ଟନାୟକ, ସ୍ୱାତୀ ଶ୍ୱେତପଦ୍ମା ବେହେରା, ଡ.ସତ୍ୟନାରାୟଣ ପଟ୍ଟନାୟକ, ତ୍ରିଲୋଚନ ପଣ୍ଡା, ଜଗନ୍ନାଥ ରଥ, ଗୀତାଞ୍ଜଳି ଦାଶ ଓ କ୍ରୀଷ୍ଟା ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା।

**ଗଞ୍ଜାମ:** ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରତିଭା ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗଞ୍ଜାମ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ଗଞ୍ଜାମ କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଲକ୍ଷ୍ମୀ ନାରାୟଣ ପଣ୍ଡା, ଗଞ୍ଜାମ ବ୍ଲକ ବିଇଓ ଭାଗିରଥି ବେହେରା, ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ ସଭାପତି ଲିଙ୍ଗରାଜ ପଟ୍ଟନାୟକ, ସହ ସମ୍ପାଦକ ବିପ୍ର ଚରଣ ମହାପାତ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଓଡ଼ିଆ ଭାଷାର ଇତିହାସ ଓ ବର୍ତ୍ତମାନ ସହ କିଭଳି ଭାଷାର ଉନ୍ନତି ହେବ ତାହା ଉପରେ ମତ ଉପସ୍ଥାପନ କରିଥିଲେ। ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା



କରିଥିଲେ। ଭାଷା ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। କାଉନ୍‌ସିଲର ଅରୁଣ ପଣ୍ଡା ଓ ସ୍ୱାଗତ ଆଶିଷ ନାୟକ ଉପସ୍ଥିତ ଥିଲେ।

**ରମ୍ଭା:** ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ଅଧ୍ୟକ୍ଷତାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଶ୍ରୀଜଗନ୍ନାଥ କନିଷ୍ଠ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରସନ୍ନ



କୁମାର ମିଶ୍ର, ଓଡ଼ିଆ ପ୍ରାଧ୍ୟାପକ ଡଃ. ବିଜୟାନନ୍ଦ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଚରଣ ଜେନା, ଅଧ୍ୟକ୍ଷା ମାନସୀ ସ୍ୱାଇଁ, ଉପାଧ୍ୟକ୍ଷ କାଳିଆ ତରେଇ ପ୍ରମୁଖ ଯୋଗଦେଇ 'ଭାଷା ଅତୀତର ଅସ୍ତିତ୍ୱ ଓ ଭାଷା ହିଁ ଭବିଷ୍ୟତ' ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ କବି କବୟିତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ସରୋଜକାନ୍ତ ଦାଶ, ଦୀପକ କୁମାର ବିଶୋଇ, ସୁକାନ୍ତ କୁମାର ମହାରଣା, ଜି.ସଙ୍ଗମ ଚୌଧୁରୀ, ସର୍ବନମ ଦାଶ, ଶୁଭଶ୍ରୀ ତ୍ରିପାଠୀ, ଜ୍ୟୋତି ଦୋରା, ପ୍ରଭାସିନୀ ନାୟକ, ମନୋଜ କୁମାର ସେନାପତି, ମନୋଜ ପାଇକରାୟ ସହଯୋଗ କରିଥିଲେ। ଜେଇ ଲୋକନାଥ ପାଢ଼ୀ ଓ ଉପସ୍ଥାପିକା ଭାବେ ପ୍ରମୋଦିନୀ ମହାରଣା ରହିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ



**ରାଇକିଆ,୬।୨(ସମିସ):** ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଛି 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ। ବିଭିନ୍ନ ଜନହିତକର ଯୋଜନା ଜନସାଧାରଣଙ୍କ ନିକଟରେ କିପରି ପହଞ୍ଚିବ ସେ ନେଇ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏନେଇ ଏକ ସଚେତନତା ଶିବିର ସୋମବାର ରାଇକିଆ ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜନ ହୋଇଥିଲା। ସରପଞ୍ଚ ଗୀତାଞ୍ଜଳି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ସମିତି ଅଧ୍ୟକ୍ଷ ପ୍ରୀତମ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୀମାଞ୍ଚଳ ମଣ୍ଡଳଙ୍କ ସହ ଏବିଡିଓ ଦିବ୍ୟସିଂ କହଁର, ଜିପିଓ କୈଳାସ ଚନ୍ଦ୍ର ପାଢ଼ୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ପଟ୍ଟନାୟକ ଯୋଗଦେଇ ତୃଣମୂଳସ୍ତରରୁ ବିଭିନ୍ନ ଯୋଜନା କିପରି କାର୍ଯ୍ୟକାରୀ ହେଉଛି ଏବଂ ଏହା ଦ୍ୱାରା ଗ୍ରାମାଞ୍ଚଳର ବିକାଶ କିପରି ତ୍ୱରାନିତ ହୋଇପାରୁଛି ସେ ସମ୍ପର୍କରେ କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କ ପକ୍ଷରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶା ସରକାରଙ୍କ '୫-ଟି' ଯୋଜନାରେ ବିଦ୍ୟାଳୟ, ସ୍ୱାସ୍ଥ୍ୟ, ପରିମଳ, ବାସଗୃହ ପରି ଅନେକ ଜନହିତକର ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ବ୍ଲକ ଓ ପଞ୍ଚାୟତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ପୋଚାଲୁଣ୍ଡି ପଞ୍ଚାୟତ ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୋଚାଲୁଣ୍ଡି ସରପଞ୍ଚ ସୁଜାତା କୁମାରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ବିଡିଓ ସନ୍ତୋଷ କୁମାର ଜେନା, ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବୁଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାପାଣି ଜେନା ପ୍ରମୁଖ ଅତିଥି ରୂପେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳତା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏଥିରେ ପଞ୍ଚାୟତର ଜନପ୍ରତିନିଧିଗଣ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସିଆରପି, ଏମବିକେ, ଏସଏଚଜି ମହିଳାଗଣ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## ବାଲିଗୁଡ଼ାରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ବାଲିଗୁଡା, ୬।୨(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଏନ୍‌ଏସିରେ ବିଜେଡିର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିର ୧୨ ଓ ୧୩ ନଂ ୱାର୍ଡ ଅନ୍ତର୍ଗତ ଗୁଳିମରାପଦା ଓ ସୁନାପାଙ୍ଗାରେ ବିଜେଡି ନେତା ଓ କର୍ମୀ ଘରକୁ ଘର ବୁଲି ଶଙ୍ଖ ଚିହ୍ନ ଓ ବିଜେଡି ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ବିଜେଡି ବ୍ଲକ ସଭାପତି ଟୁନା ଦାସଙ୍କ ନେତୃତ୍ୱରେ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ନଗର ସଭାପତି ଅବନୀକାନ୍ତ ନାୟକ, ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ଶାନ୍ତି କୁମାରୀ ନାୟକ, କାଉନସିଲର ହରପ୍ରିୟା ତ୍ରିପାଠୀ, ରୀନା କୁମାରୀ ପଣ୍ଡା, ନାରାୟଣ ଡାକୁଆ, ବିଭୂତି ଲହରିଆ, ମିନତୀ ନାୟକ, ଶଶୀ କୁମାର ନାୟକ, ଗୀତା ମଳିକ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଏମଡି ସାବେଜ ଓ ସାଧାରଣ ସମ୍ପାଦକ ସେକ ସୋନୁଙ୍କ ସମେତ ବହୁ ଦଳୀୟ ନେତା ଏଥିରେ ସାମିଲ ହୋଇଥିଲେ।



## ଗୌତମୀ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ସାନଖେମୁଣ୍ଡି, ୬।୨(ସମିସ):** ସାନଖେମୁଣ୍ଡି ବ୍ଲକରେ ଥିବା ୨୬ଟି ପଞ୍ଚାୟତ ମଧ୍ୟରୁ ଗୌତମୀ ପଞ୍ଚାୟତକୁ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ଏହି ପଞ୍ଚାୟତ ସୁସଜିତ ବିଦ୍ୟାଳୟ ଓ ଉକ୍ତ ବିଦ୍ୟାଳୟରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇପାରିଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି, ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱିନୀ ଦାସ ପ୍ରମୁଖ ଉପସ୍ଥିତ ରହି ଗୌତମୀ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଛନ୍ତି। ନିଜ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଥିବାରୁ ସରପଞ୍ଚ ଝିଲ୍ଲୀ ରେଡ୍ଡୀ, ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ସ୍କୁଲ ଶିକ୍ଷକ, ଛାତ୍ରଛାତ୍ରୀ, ପଞ୍ଚାୟତବାସୀ ଗର୍ବ ଅନୁଭବ କରିବା ସହ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଖୁସିରେ ସରପଞ୍ଚ, ବିଡିଓ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ସମସ୍ତେ ମିଶି ପଞ୍ଚାୟତ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରା ବାହାରି ଗୌତମୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**କୁକୁଡ଼ାଖଣ୍ଡି,୬।୨(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ବୋରିଗାଁ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଡିଓ ଡ଼ା ପଲ୍ଲବୀ ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର



ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବୋରିଗାଁ ସରପଞ୍ଚ ସସ୍ମିତା ସାହୁ ଓ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ସାହୁଙ୍କ ସଂଯୋଜନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ୧୦ନଂ ଜିଲ୍ଲା ପରିଷଦ ସଭ୍ୟା ଭାରତୀ ନାୟକ, ପୂର୍ବତନ ବିଆରଏମସି ସଭାପତି ସୁରେଶ ଚନ୍ଦ୍ର ସାହୁ, କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ, ଯୋଗାଣ ଅଧିକାରୀ ଧିରେନ୍ ସାହୁ, ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁପ୍ରଭା ସାହୁ, ଏଓ ସିମାଞ୍ଚଳ ମୋହନ୍ତି, ମନସ୍ୱିନୀ ମହାପାତ୍ର, ସିଡିପିଓ କୁସୁମ କୁମାରୀ ସାହୁ, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ମଲଣା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏସ୍. ରାଜେଶ ରାଓ, ସରପଞ୍ଚ ମାନେ ହେଲେ ବଶିଷ୍ଠ କୁମାର ଜେନା, ଦେବାଶିଷ ସେଠୀ, କ୍ରାନ୍ତି କୁମାରୀ ଦେବୀ, ଅନୀଲ କୁମାର ଗୌଡ଼, ମୁରଲୀ ସେଠୀ, ବନ୍ଦନା ସେଠୀ, ମାମି ସାସମଲ, ଝିଲି ସେଠୀ, ଲକ୍ଷ୍ମୀ ମହାକୁଡ଼, କାମିନୀ ନାୟକ, ସମିତି ସଭ୍ୟା ମାନେ ହେଲେ ବି.ରବୀନ୍ଦ୍ର ପାତ୍ର, ଲକ୍ଷ୍ମୀ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ ପାତ୍ର, ପୂର୍ବତନ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ ଅତିଥି ଭାବେ ଯୋଗଦେଇ କହିଲେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ମାନେ ହେଲେ ସରପଞ୍ଚ ପ୍ରତିନିଧି ଟୁନା ନାୟକ, ଟୁକୁନା ସେଠୀ, ସୁକାନ୍ତ ସାସମଲ, ଜିତେନ୍ଦ୍ର ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ନାଏବ ସରପଞ୍ଚ ପି.ଭୀମ ରାଓ, ଜିଆରଏସ ନାରାୟଣ ସାହୁ, ଯୋଗାଣ ସହାୟକ ରାଜେଶ୍ୱରୀ ସାହୁ, ଏମବିକେ ଲିଜାରାଣୀ ସାହୁ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁ, ପଞ୍ଚାୟତ ବିଜେଡି ସଭାପତି ଅଭିରାମ ସେଠୀ, କାହ୍ନୁଚରଣ ପଣ୍ଡା, ସମସ୍ତ ୱାର୍ଡ଼ ମେମ୍ବର, ସମସ୍ତ ସିଆରପି, ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀଙ୍କ ସମେତ ବହୁ ମାନ୍ୟଗଣ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



**ଫିରିଙ୍ଗିଆ, ୬।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନା ଶିବିର ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ଲାଲମୋହନ କହଁରଙ୍କ ଅଧ୍ୟକ୍ଷତାରେ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ଖମାରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ଧଗଡ଼ ସରପଞ୍ଚ ସୁଭଦ୍ରା କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତିସଭ୍ୟ ଉପେନ୍ଦ୍ର ଦିଗାଲ, ନାଏବ ସରପଞ୍ଚ ଝରଣା ମୁଖି, ୱାର୍ଡ ସଭ୍ୟ କାମଦେବ କହଁର, ସରୋଜ ଦିଗାଲ, ଅନ୍ତେଶ୍ୱର ମଳିକ, ବାସୁଦେବ ମଳିକ, ୱାର୍ଡସଭ୍ୟା ପଦ୍ମିନୀ କହଁର, ରିମତି ମଳିକ, ନିବାଙ୍ଗି କହଁରଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ପଞ୍ଚାୟତର ଶତାଧିକ ଲୋକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫିରିଙ୍ଗିଆ ବ୍ଲକ ନୂଆପଡ଼ା ଗାଁର ସଂକୀର୍ତ୍ତନ କଳାକାର ଲତା ଦେବୀ ଓ ତାଙ୍କ ସାଥୀଙ୍କ ଦ୍ୱାରା ସରକାରୀ ଯୋଜନା ଉପରେ ସଚେତନତା କରାଯାଇଥିଲା।

